ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.68 Bhubaneswar Saturday 23 2022 ୨୫ତମ ବର୍ଷ ସଂଖ୍ୟା–୬୮ ଭୁବନେଶ୍ୱର, ଶନିବାର, ଅପ୍ରେଲ ୨୩, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

# ଉଚ୍ଚସ୍ତରୀୟ ଟିମ୍‌ଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ ଓ କ୍ଷେତ୍ରସ୍ତରୀୟ ଉନ୍ନୟନ କାର୍ଯ୍ୟ ସମୀକ୍ଷା

## ୨୦୨୩ ଡିସେମ୍ବର ସୁଦ୍ଧା କାନପୁର ଡ୍ୟାମ୍ ପୂର୍ଣ୍ଣାଙ୍ଗ ପାଇଁ ଲକ୍ଷ ଧାର୍ଯ୍ୟ : ମାର୍ଚ୍ଚ ୨୦୨୩ ସୁଦ୍ଧା ସବୁ ଘରକୁ ପାଇପ୍ ଜଳ ଯୋଗାଣ

କେନ୍ଦୁଝର, ୨୨।୪(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ ଚନ୍ଦ୍ର ମହାପାତ୍ର, ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଏବଂ ୫-ଟି ଶାସନ ସଚିବ ଶ୍ରୀ ଭି.କେ. ପାଣ୍ଡିଆନ୍ ଚଳିତ ଅପ୍ରେଲ୍ ୨୨ ତାରିଖ ଶୁକ୍ରବାର ଦିନ କେନ୍ଦୁଝର ଜିଲ୍ଲା ଗସ୍ତ କରି କାନ୍‌ପୁର ବୃହତ୍ ଜଳସେଚନ ଡ୍ୟାମ୍ ନିର୍ମାଣ, ବିଦ୍ୟାଳୟ ରୂପାନ୍ତରଣ ଓ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପଗୁଡିକର କ୍ଷେତ୍ରସ୍ତରୀୟ ଅଗ୍ରଗତି ସମୀକ୍ଷା କରିଛନ୍ତି । ଆଜି ପୂର୍ବାହ୍ନରେ ଏହି ସର୍ବୋଚ୍ଚ ପ୍ରଶାସନିକ ଟିମ୍ ଜିଲ୍ଲାରେ ପହଂଚିବାପରେ କାନ୍‌ପୁର ଡ୍ୟାମ୍ ନିର୍ମାଣ କାର୍ଯ୍ୟର ପ୍ରତ୍ୟକ୍ଷ ଅନୁଧ୍ୟାନ କରିଥିଲେ । ପରେ ପରେ ସ୍ଥାନୀୟ ହିଲ୍‌ଟପ୍ ଗେଷ୍ଟ ହାଉସ୍ ଠାରେ ସଂପୃକ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ଡ୍ୟାମ୍ ନିର୍ମାଣରେ ନିୟୋଜିତ ଯନ୍ତ୍ରୀମାନଙ୍କ ସହ ପ୍ରକଳ୍ପ ଅଗ୍ରଗତି ସମୀକ୍ଷା କରି ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ କାର୍ଯ୍ୟାନ୍ୱୟନ ସଂସ୍ଥାଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଡ୍ୟାମ୍ ନିକଟରେ ନିର୍ମାଣାଧିନ ଜାତୀୟ ରାଜପଥ ପୋଲ କାର୍ଯ୍ୟ ଆସନ୍ତା ସେପ୍ଟେମ୍ବର ମାସ ସୁଦ୍ଧା ଶେଷ କରିବା ପାଇଁ ମଧ୍ୟ ଜାତୀୟ ରାଜପଥ ଯନ୍ତ୍ରୀମାନଙ୍କୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଥିଲେ । ସମୀକ୍ଷା ବୈଠକପରେ ଏହି ଟିମ୍ ସ୍ଥାନୀୟ ବାସୁଦେବପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରୀମାନଙ୍କ ସହ ବିଦ୍ୟାଳୟ ରୂପାନ୍ତରଣ ପ୍ରକଳ୍ପର ସୁଫଳ ବିଷୟରେ ସିଧାସଳଖ ଆଲୋଚନା କରିଥିଲେ । ଏହି ସମୟରେ ଟିମ୍ ମଧ୍ୟ ମଧ୍ୟାହ୍ନ ଭୋଜନର ଗୁଣାତ୍ମକମାନ ଓ କ୍ରୀଡାଭିତିଭୂମି ଯାଂଚ କରିଥିଲେ । ଗସ୍ତ ସମୟରେ ସାମ୍ବାଦିକମାନଙ୍କ ପ୍ରଶ୍ନର ଉତର ଦେଇ ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ କାନ୍‌ପୁର ଜଳସେଚନ ଡ୍ୟାମ୍ କେନ୍ଦୁଝର ଜିଲ୍ଲାବାସୀଙ୍କର ଦୀର୍ଘଦିନର ଆବଶ୍ୟକତା । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏହାର ନିର୍ମାଣକାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । ୨୦୨୩ ମସିହା ଡିସେମ୍ବର ସୁଦ୍ଧା ଡ୍ୟାମ୍‌ର ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରାଯିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହି ପ୍ରକଳ୍ପ ଦ୍ୱାରା କେନାଲ ମାଧ୍ୟମରେ ପ୍ରାୟ ୩୦ ହଜାର ହେକ୍ଟର ଏବଂ ପାଇପ୍ ଯୋଗେ ଉଠାଜଳସେଚନ ଦ୍ୱାରା ପ୍ରାୟ ୧୦ ହଜାର ହେକ୍ଟର ଏହିପରି ସମୁଦାୟ ୪୦ ହଜାର ହେକ୍ଟର ଜମି ଜଳସେଚିତ ହେବ । ଯୋଡା ବ୍ଲକ୍‌ର ବାସୁଦେବପୁରଠାରେ ବୈତରଣୀ ନଦୀ ଉପରେ ନିର୍ମାଣ ହେଉଥିବା ଏହି ଡ୍ୟାମ୍ ଦ୍ୱାରା ଚମ୍ପୁଆ, ଝୁମ୍ପୁରା, ପାଟଣା, କେନ୍ଦୁଝର ସଦର ଏବଂ ଯୋଡା ବ୍ଲକ୍ ଅର୍ନ୍ତଗତ ୨୪୪ଟି ଗ୍ରାମର ଅଧିବାସୀମାନେ ଉପକୃତ ହେବେ । ଶ୍ରୀ ମହାପାତ୍ର ଆହୁରି ମଧ୍ୟ କହିଥିଲେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲାର ପ୍ରତି ଘରକୁ ପାଇପ୍ ଯୋଗେ ପାନୀୟ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯାଇଛି । ପରିପୃକ୍ତି ଭିତିରେ ସବୁ ଗ୍ରାମ ଓ ସହରାଂଚଳ ପାଇଁ ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ହେଉଛି । ୨୦୨୩ ମସିହା ମାର୍ଚ୍ଚ ମାସ ସୁଦ୍ଧା ସମସ୍ତ ଘରକୁ ପାଇପ୍ ଯୋଗେ ଜଳଯୋଗାଣ କରିବା ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ମୁଖ୍ୟ ଶାସନ ସଚିବ କହିଥିଲେ । ବାସୁଦେବପୁର ସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପରିଚାଳିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ରୂପାନ୍ତରଣ ପ୍ରକଳ୍ପ ପୂର୍ଣ୍ଣାଙ୍ଗ ହୋଇଛି ବୋଲି ଶ୍ରୀ ମହାପାତ୍ର କହିଥିଲେ । ବିଦ୍ୟାଳୟରେ ଉନ୍ନତମାନର ସ୍ମାର୍ଟ କ୍ଲାସ୍ ରୁମ୍, ବିଜ୍ଞାନ ପରୀକ୍ଷାଗାର, ପୁସ୍ତକାଗାର, ହଷ୍ଟେଲ୍, ଖେଳ ପଡିଆ ଏବଂ ସବୁଜ ସୁନ୍ଦର ବିଦ୍ୟାଳୟ ପରିସର ସୃଷ୍ଟି କରାଯାଇଛି । ଏହି ପ୍ରକଳ୍ପ ବିଦ୍ୟାଳୟରେ ଶୈକ୍ଷିକ ବାତାବରଣକୁ ସମୃଦ୍ଧ କରିବା ସହ ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରେରଣାଦାୟୀ ହୋଇଛି । ଜିଲ୍ଲାପାଳ ଆଶିଷ ଠାକରେ, ପୋଲିସ୍ ଅଧିକ୍ଷକ ମିତ୍ରଭାନୁ ମହାପାତ୍ର, ଜଳ ସଂପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ବିଜୟ କୁମାର ମିଶ୍ର, ଓଡ଼ିଶା ନିର୍ମାଣ ନିଗମ ପରିଚାଳନା ନିର୍ଦ୍ଦେଶକ ବିଭୁତି ଭୁଷଣ ଦାଶ, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍.ଡି., କାନ୍‌ପୁର ଜଳସେଚନ ପ୍ରକଳ୍ପର ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରସନ୍ନ କୁମାର ପାଣିଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ସମୀକ୍ଷା ନିମନ୍ତେ ଆବଶ୍ୟକୀୟ ତଥ୍ୟ ଉପସ୍ଥାପନ କରିଥିଲେ ।

## କୋରାପୁଟ-ଭିଶାଖାପାଟଣା ରେଳଯାତ୍ରା ଆରମ୍ଭ; ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କଲେ କେନ୍ଦ୍ର ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

କୋରାପୁଟ,୨୨।୪(ପି.ଏନ): କୋଭିଡ୍ ପାଇଁ ବନ୍ଦ ରହିଥିବା କୋରାପୁଟ-ବିଶାଖାପାଟଣା ରେଳଯାତ୍ରା ପୁଣିଥରେ ଆରମ୍ଭ ହୋଇଛି । ଆଜି ଅପରାହ୍ନ ୪ଟା ସମୟରେ ପତାକା ଦେଖାଇ ରେଳ ଯାତ୍ରା ଆରମ୍ଭ କରିଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । କୋଭିଡ କଟକଣା ଯୋଗୁ କୋରାପୁଟ ଠାରୁ ଭିଶାଖାପାଟଣା ଭାୟା ରାୟଗଡା ଦେଇ ଯାଉଥିବା ଟ୍ରେନ ଯାତ୍ରା ଅନେକ ଦିନ ଧରି ବନ୍ଦ ରହିଥିଲା । ଫଳରେ ଲୋକମାନଙ୍କୁ ଯାତ୍ରା ପାଇଁ ନାହିଁ ନଥିବା ଅସୁବିଧା ଭୋଗିବାକୁ ପଡୁଥିଲା । ହେଲେ ଆଜି ଏହି ସମସ୍ୟାର ସମାଧାନ ହୋଇଛି । ରେଳଯାତ୍ରା ପୁଣି ଆରମ୍ଭ ହୋଇଛନ୍ତି । ସୂଚନା ଅନୁସାରେ, ଦିନିକିଆ କୋରାପୁଟ ଗସ୍ତରେ ଆସିଥିବା କେନ୍ଦ୍ର ରେଳମନ୍ତ୍ରୀ ଆଜି ସକାଳୁ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ କୋରାପୁଟ ପହଞ୍ଚିଥିଲେ । ଏହାପରେ ମାଲକାନଗିରି ଯାଇ ସେଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହାପରେ ଅପରାହ୍ନ ୪ଟା ସମୟରେ ଅଶ୍ୱିନୀ ବୈଷ୍ଣବ କୋରାପୁଟ ଫେରି କୋରାପୁଟ ରେଳ ଷ୍ଟେସନରେ ସବୁଜ ପତାକା ଦେଖାଇ ଟ୍ରେନ୍ ଯାତ୍ରା ଆରମ୍ଭ କରିଥିଲେ । ଏହି ଅବସରରେ ଷ୍ଟେସନରେ ୱାଲଟର ଡିଆରଏମ ଅନୁପ କୁମାର ସତପଥି , ଇଏଗ ପ୍ରମୋଦ କୁମାର ଜେନାଙ୍କ ଭଳି ପ୍ରମୁଖ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ ।ସୂଚନା ଅନୁସାରେ, ଟ୍ରେନଟି ପ୍ରତ୍ୟେକ ରେଳଷ୍ଟେସନରେ ରହିବା ସହ ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ ଚାଲିବ । ଏନେଇ ଡିଆରଏମ ଅନୁପ ଶତପଥୀ ସୂଚନା ଦେଇଛନ୍ତି ।

## ଏଥର ମାଟ୍ରିକରେ ୫.୮୫ ଲକ୍ଷ ଓ ଯୁକ୍ତ ଦୁଇରେ ୩.୨୧ଲକ୍ଷ ପରୀକ୍ଷାର୍ଥୀ

ଭୁବନେଶ୍ୱର,୨୨।୪(ପି.ଏନ): ଆସନ୍ତା ୨୮ରୁ ଯୁକ୍ତ ଦୁଇ ଓ ୨୯ରୁ ମାଟ୍ରିକ ପରୀକ୍ଷା ନିମନ୍ତେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ସହ ପରୀକ୍ଷା ପରିଚାଳନାକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ପ୍ରତ୍ୟେକ ସେକ୍ଟର ଦାୟିତ୍ୱରେ ଜଣେ ଲେଖାଏଁ ଅଧିକାରୀଙ୍କୁ ଦାୟିତ୍ୱ ନ୍ୟସ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଚଳିତବର୍ଷ ମାଟ୍ରିକରେ ମୋଟ ୫ଲକ୍ଷ ୮୫ହଜାର ୭୩୦ଜଣ ଓ ଯୁକ୍ତ ଦୁଇରେ ୩ଲକ୍ଷ ୨୧ହଜାର ୫୦୮ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ନୋଡାଲ ସେଂଟରଗୁଡିକୁ ପ୍ରଶ୍ନ ଓ ଉତର ଖାତା ପଠାଇବା ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।ଆଜି ଉଭୟ ଯୁକ୍ତ ଦୁଇ ଓ ମାଟ୍ରିକ ପରୀକ୍ଷା ପରିଚାଳନାର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ମୁଖ୍ୟ ସଚିବ ସୁରେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ପ୍ରଶ୍ନପତ୍ର ନୋଡାଲ କେନ୍ଦ୍ରରେ ସୁରକ୍ଷିତ ରଖିବାଠୁ ଆରମ୍ଭ କରି ପ୍ରଶ୍ନପତ୍ର ଓ ପରୀକ୍ଷା ଖାତାକୁ ପରୀକ୍ଷା କେନ୍ଦ୍ରରେ ପହଂଚାଇବା, ପରୀକ୍ଷା ପରିଚାଳନା, ଉତର ଖାତାଗୁଡିକୁ ମୂଲ୍ୟାୟନ କେନ୍ଦ୍ରକୁ ପରିବହନ ଓ ମୂଲ୍ୟାୟନ ଆଦି ସମସ୍ତ ପର୍ଯ୍ୟାୟକୁ ଶୃଙ୍ଖଳିତ କରିବା କରିବା ଦିଗରେ ପଦକ୍ଷେପ ନେବାକୁ ସବୁ ଜିଲ୍ଲାର ଜିଲ୍ଲାପାଳ ଓ ଏସପିଙ୍କୁ ଆଜି ମୁଖ୍ୟ ସଚିବ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ଏହାସହିତ ସମସ୍ତ ମାଧ୍ୟମିକ ଓ ଉଚ୍ଚ୍‌ମାଧ୍ୟମିକ ସ୍କୁଲକୁ କେତେକ କ୍ଲଷ୍ଟରରେ ପରିଣତ କରି ଜଣେ ଲେଖାଏଁ ଦାୟିତ୍ୱସମ୍ପନ୍ନ ଅଧିକାରୀଙ୍କୁ ପ୍ରତି ସେକ୍ଟରର ସମସ୍ତ ପରୀକ୍ଷା ପରିଚାଳନାରେ ଭାଗ ନେବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି । ପରୀକ୍ଷା ପାଇଁ ଆଇନ ଶୃଙ୍ଖଳା ନିମନ୍ତେ ପ୍ରତି ସେକ୍ଟରଓ୍ୱାରି ଆବଶ୍ୟକ ପୁଲିସ ଓ ଗାଡି ଆଦି ମୁତୟନ କରିବାକୁ ମଧ୍ୟ ମୁଖ୍ୟ ସଚିବ ପରାମର୍ଶ ଦେବା ସହ ସୋସିଆଲ ମିଡିଆରେ ନକଲି ପ୍ରଶ୍ନପତ୍ର ସଂଚାର କରୁଥିବା ବ୍ୟକ୍ତି ଓ ପ୍ରଶ୍ନପତ୍ର ଆଦି ବିଷୟରେ ଗୁଜବ ସୃଷ୍ଟି କରୁଥିବା ବ୍ୟକ୍ତିଙ୍କ ଉପରେ ନଜର ରଖି ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।ବୈଠକରେ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଥିଲା ଯେ, ରାଜ୍ୟରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ମୋଟ ୫.୮୫ଲକ୍ଷ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ଏଥିରେ ୪୪୪୩ଜଣ ମଧ୍ୟମା ଓ ୯୩୭୮ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀ ଅଛନ୍ତି । ମାଟ୍ରିକ ପରୀକ୍ଷା ପାଇଁ ମୋଟ ୩୫୪୦ଟି କେନ୍ଦ୍ର ଓ ୩୧୫ଟି ନୋଡାଲ କେନ୍ଦ୍ର କରାଯାଇଛି ।ସେହିପରି ଚଳିତବର୍ଷ ୩ଲକ୍ଷ ୨୧ହଜାର ୫୦୮ଜଣ ଛାତ୍ରଛାତ୍ରୀ ଯୁକ୍ତଦୁଇ ପରୀକ୍ଷା ଦେବେ । ଏମାନଙ୍କ ମଧ୍ୟରୁ ୨ ଲକ୍ଷ ୧୩ହଜାର ୪୩୨ଜଣ କଳା, ୭୮୦୭୭ଜଣ ବିଜ୍ଞାନ ଓ ୨୪୧୩୬ଜଣ ବାଣିଜ୍ୟ ଓ ୫୮୬୩ଜଣ ଧନ୍ଦାମୂଳକ ଶିକ୍ଷାର ଛାତ୍ରଛାତ୍ରୀ ଅଛନ୍ତି ।

# ପୁଲିସ୍ ଯଦି ଷଡଯନ୍ତ୍ରକାରୀ ହୁଏ...

ଢିଙ୍କିଆ,୨୨।୪(ପି.ଏନ): ଢିଙ୍କିଆରେ ଜେଏସ୍‌ଡବ୍ଲ୍ୟୁ କାରଖାନା ବିରୋଧରେ ଯେଉଁ ଲୋକମାନେ ସେମାନଙ୍କର ଜୀବିକା ଓ ପରିବେଶ ପାଇଁ ଲଢ଼େଇ କରୁଥିଲେ ସେମାନଙ୍କର ନେତା ଭାବରେ ଦେବେନ୍ଦ୍ର ସ୍ୱାଇଁ କାର୍ଯ୍ୟ କରୁଥିବା ସମସ୍ତେ ଜାଣନ୍ତି । ଶ୍ରୀ ସ୍ୱାଇଁ ସେଠାରେ ପଂଚାୟତ ସମିତି ସଦସ୍ୟ ଭାବେ ନିର୍ବାଚିତ ହୋଇଥିଲେ । ତେଣୁ ଲୋକମାନଙ୍କର ଅସନ୍ତୋଷର କେନ୍ଦ୍ରବିନ୍ଦୁ ଭାବରେ ସେ କାମ କରୁଥିଲେ । ବ୍ୟକ୍ତିଗତ ଭାବରେ ଶ୍ରୀ ସ୍ୱାଇଁ ଓ ତାଙ୍କ ପରିବାର ଶାସକ ବିଜୁ ଜନତା ଦଳ ସହିତ ଜଡିତ ଥିଲେ ମଧ୍ୟ ଲୋକମାନଙ୍କର ଅସନ୍ତୋଷକୁ ଦେଖି ସେ ଜେଏସ୍‌ଡବ୍ଲ୍ୟୁ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ସେଠାରେ ଆନ୍ଦୋଳନକାରୀମାନଙ୍କୁ ଦବେଇବା ଓ ଦମନ କରିବା ପାଇଁ ଜିଲ୍ଲା ପୁଲିସ୍ ଏସ୍?ପିଙ୍କ ନିର୍ଦ୍ଦେଶରେ ଗତ ଜାନୁଆରୀ ୧୪ ତାରିଖରେ ପୁଲିସ୍ ଯେଉଁ ଆକ୍ରମଣ କରିଥିଲା ସେଥିରେ ବହୁ ଲୋକ ଆହତ ହୋଇଥିଲେ ଓ ଅନେକ ଆନ୍ଦୋଳନକାରୀଙ୍କୁ ପୁଲିସ୍ ଗିରଫ କରିଥିଲେ । ଏହି ଗିରଫ ବ୍ୟକ୍ତିମାନଙ୍କ ଭିତରେ ଦେବେନ୍ଦ୍ର ସ୍ୱାଇଁ ଅର୍ନ୍ତଭୁକ୍ତ ଥିଲେ । କିନ୍ତୁ ସ୍ୱାଇଁଙ୍କ ବିରୋଧରେ ପ୍ରାୟ ୨୬ଟି ମାମଲା ଦାୟର ହେବା ଫଳରେ ସେ ଏପର୍ଯ୍ୟନ୍ତ ତିନି ମାସରୁ ଊର୍ଦ୍ଧ୍ୱ ହେଲା ଜାମିନ ପାଇନାହାନ୍ତି । ଅନ୍ୟ ଅଭିଯୁକ୍ତମାନେ ଅଦାଲତରୁ ଜାମିନରେ ଆସିଥିଲେ ମଧ୍ୟ ଦେବେନ୍ଦ୍ର ସ୍ୱାଇଁଙ୍କ ବିରୋଧରେ ଗୋଟିଏ ପରେ ଗୋଟିଏ ମାମଲା ଦିଆଯାଇ ତାଙ୍କୁ ଜେଲ୍?ରେ ରଖାଯାଇଛି । ଜେଲ୍‌ରେ ଥିବା ଭିତରେ ସେ ଫୋନ୍ ଯୋଗେ ସରକାରୀ ଓକିଲଙ୍କୁ ଗାଳି ଦେଇଥିବାର ଅଭିଯୋଗ ଉପରେ ମଧ୍ୟ ଗୋଟିଏ ମାମଲା କରାଯାଇଛି ।ଏବେ ସେ ତିନି ମାସ ଜେଲ୍‌ରେ ରହିବା ପରେ ୨୦୨୧ ଡିସେମ୍ବର ମାସରେ ପ୍ରକାଶ ଦଳେଇ ଜଣେ ସାଥୀଙ୍କ ଗାଡିରେ ଢିଙ୍କିଆ ପଟେ ଯାଉଥିବା ବେଳେ ତାଙ୍କୁ ଅଟକାଇ ବନ୍ଧୁକ ଦେଖାଇ ଆକ୍ରମଣ କରିଥିଲେ । କାରଣ ପ୍ରକାଶ ଦଳେଇ ପୁଲିସର ପ୍ରେସ୍ ବିଜ୍ଞପ୍ତି ଅନୁସାରେ ସନ୍ତୋଷ ଦଳେଇଙ୍କ ଭାଇ । ପୁଲିସ୍ ବିଜ୍ଞପ୍ତିରେ କୁହାଯାଇଛି ଯେ, ସନ୍ତୋଷ ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ଓ ଜିଲ୍ଲା ପ୍ରଶାସନର ଦୃଢ଼ ସମର୍ଥକ ହୋଇଥିବାରୁ ତାଙ୍କ ଉପରେ ରାଗ ସୁଝାଇବା ପାଇଁ ପ୍ରକାଶ ଦଳେଇଙ୍କ ଉପରେ ଆକ୍ରମଣ କରାଯାଇଥିଲା । ଅର୍ଥାତ୍ ପୁଲିସ୍ ସ୍ୱୀକାର କରୁଛି ଯେ, ଜେଏସ୍‌ଡବ୍ଲ୍ୟୁ କମ୍ପାନୀ ଓ ଜିଲ୍ଲା ପ୍ରଶାସନ ଯେଉଁଥିରେ ଜିଲ୍ଲା ଏସ୍?ପି ମଧ୍ୟ ସାମିଲ ସେମାନେ ଗୋଟିଏ ପକ୍ଷରେ ଅଛନ୍ତି । ଦେବେନ୍ଦ୍ର ସ୍ୱାଇଁ ଜାନୁଆରୀ ୧୪ ତାରିଖରୁ ପୁଲିସ୍ ଦ୍ୱାରା ଗିରଫ ହୋଇ ଜେଲ୍‌ରେ ଥିଲେ ମଧ୍ୟ ହଠାତ୍ ଗତ ୨୦ ତାରିଖରେ ସେ ଅଦାଲତରେ ଡିସେମ୍ବର ମାମଲାରେ ଆତ୍ମସମର୍ପଣ କରିଥିବା ଓ ସେହିଦିନ ପୁଲିସ୍ ପକ୍ଷରୁ ତାଙ୍କୁ ରିମାଣ୍ଡରେ ନେବା ପାଇଁ ଜେଏମ୍‌ଏଫ୍‌ସି ଅଦାଲତରେ ଦରଖାସ୍ତ ଦିଆଯାଇଥିଲା । ଜେଏମ୍‌ଏଫ୍‌ସି ଅଭିଯୁକ୍ତ ଅର୍ଥାତ୍ ସ୍ୱାଇଁଙ୍କୁ ଗୋଟିଏ ଦିନ ପାଇଁ ଅର୍ଥାତ୍ ୨୦ ତାରିଖ ଦିନ ୧ଟାରୁ ୨୧ ତାରିଖ ଦିନ ୧ଟା ପର୍ଯ୍ୟନ୍ତ ରିମାଣ୍ଡ ମଂଜୁର କରିଥିଲେ । ପୁଲିସ୍ ଦ୍ୱାରା ଗିରଫ ହୋଇଥିବା ବ୍ୟକ୍ତି ତିନି ମାସ ଜେଲ୍‌ରେ ରହିବା ପରେ ସେ ପୂର୍ବ ମାମଲାରେ ଅଦାଲତରେ ଆତ୍ମସମର୍ପଣ କରିବା ଓ ତାଙ୍କୁ ରିମାଣ୍ଡରେ ନିଆଯିବା ପଛରେ ଏକ ଷଡଯନ୍ତ୍ର ରହିଥିବା ସ୍ପଷ୍ଟ ଜଣାପଡୁଥିଲା ।ଶ୍ରୀ ସ୍ୱାଇଁଙ୍କୁ ପୁଲିସ୍ ପାଇଯିବା ପରେ ଜେରା କରିବାରୁ ପାଟନା ନିକଟରେ ଥିବା ବଡଭାଗ ପୋଖରୀ ନିକଟକୁ ପୁଲିସକୁ ନେଇ ସେଠାରେ ଗୋଟିଏ ପଲିଥିନ ବ୍ୟାଗରେ ଲୁଗା ଗୁଡାଇ ଯାହାକୁ ଲୁଚାଇ ରଖିଥିଲେ ତାହାକୁ ବାହାର କରିଥିଲେ । ଏ ଲୁଚା ପଦାର୍ଥ ଭିତରେ ଗୋଟିଏ ପୁରୁଣା ପିସ୍ତଲ ଓ କିଛି ଗୁଳି ଉଦ୍ଧାର କରାଯାଇଥିଲା । ଏହି ପଲିଥିନ ବ୍ୟାଗ୍ ଓ ଅଭିଯୁକ୍ତଙ୍କୁ ଧରି ପୁଲିସ୍ ଆସୁଥିବା ସମୟରେ ଦେବେନ୍ଦ୍ର ସ୍ୱାଇଁ ଝାଡା ଯିବା ପାଇଁ ପୁଲିସ୍‌କୁ ଅନୁରୋଧ କରିଥିଲେ ଓ ମାନବିକତା ଦୃଷ୍ଟିକୋଣରୁ ପୁଲିସ୍ ଅନୁମତି ଦେବା ପରେ ସବ୍?ଇନିସପେକ୍ଟର ଆର ଏନ୍ ବେହେରା ଓ ହାବିଲଦାରଙ୍କୁ ତାଙ୍କ ସହିତ ପଠାଇଥିଲେ । ପ୍ରାୟ ୩୦ ମିଟର ଦୂରରେ ଶ୍ରୀ ସ୍ୱାଇଁ ସବ୍?ଇନ୍ସପେକ୍ଟର ଆରଏନ୍ ବେହେରାଙ୍କ ଉପରେ ଗୋଟିଏ କାଠ ଫାଳିଆରେ ମରଣାନ୍ତକ ଆକ୍ରମଣ କରିବା ଫଳରେ ସେ ପଡିଯିବାରୁ ସେ ହାବିଲଦାରଙ୍କୁ ଠେଲାପେଲା କରି ସେଠାରୁ ଚମ୍ପଟ ମାରିଥିଲା । ବହୁତ କଷ୍ଟରେ ଦୁଇ ଘଂଟାକାଳ ପରିଶ୍ରମ କରି ଏକ ସ୍କୁଲ ନିକଟରେ ଗୋଟିଏ କାଜୁବୁଦା ଭିତରେ ସେ ଲୁଚିଥିବା ସମୟରେ ତାଙ୍କୁ ଧରିଥିଲେ । ଏହିସବୁ କଥା ପୁଲିସ ପ୍ରେସ୍ ବିଜ୍ଞପ୍ତିରେ ଉଲ୍ଲେଖ ଅଛି ।କିନ୍ତୁ ଗଣମାଧ୍ୟମମାନେ ଏ ସଂପର୍କରେ କୌଣସି ଅନୁସନ୍ଧାନ ନକରି ପ୍ରେସ୍ ବିଜ୍ଞପ୍ତିକୁ ସେମାନଙ୍କ ରିପୋର୍ଟ ଭାବରେ ଯେପରି ଦର୍ଶାଇଛନ୍ତି ସେଥିରୁ ଶ୍ରୀ ସ୍ୱାଇଁ ଜଣେ ଦୁରଦ୍ଦାନ୍ତ ଅପରାଧୀ ବୋଲି ମନେହେବ । ସୌଭାଗ୍ୟର କଥା ସେ ଯେତେବେଳେ ପୁଲିସ୍?କୁ ମାଡମାରି ଚମ୍ପଟ ମାରିଲା ବୋଲି ଦର୍ଶାଯାଇଛି ସେହି ସମୟରେ ଏନ୍?କାଉଂଟରରେ ହୁଏତ ତାଙ୍କୁ ଗୁଳି କରିଦିଆଯାଇ

# ଟି ଟାଇମ୍

## ଭୂତଙ୍କ ମେଳା

ମେଳା ତ ଅନେକ ରହିଥାଏ । ମେଳାକୁ ଆକର୍ଷଣୀୟ କରିବା ପାଇଁ କେତେକ ସ୍ଥାନରେ ଗୋରୁଗାଈ ତ ଆଉ କେଉଁଠି କଣ୍ଢେଇ, ଖେଳନାମାନ ବିକ୍ରି କରାଯାଇଥାଏ । ହେଲେ ଭୂତମାନଙ୍କୁ ନେଇ କେବେ କୌଣସି ମେଳା ହେଉଥିବା ବିଷୟରେ ଶୁଣିଛନ୍ତି । କିନ୍ତୁ ଏପରି ଏକ ମେଳା ମିର୍ଜାପୁରର କୋହରୋରାର ବରହି ଗ୍ରାମରେ ବେଚୁବୀର ବାବାଙ୍କ ସମାଧି ଉପରେ ହୋଇଥାଏ । ଏହି ମେଳାରେ ଭୂତ, ପ୍ରେତ ଏବଂ ଡାହାଣୀମାନଙ୍କର ମେଳା ହୋଇଥାଏ । ଅନ୍ଧବିଶ୍ୱାସ ସହିତ ଜଡ଼ିତ ଏହି ମେଳାରେ ଭୂତ-ପ୍ରେତଙ୍କ ପ୍ରକୋପରୁ ଲୋକମାନଙ୍କୁ ମୁକ୍ତି ଦିଆଯାଇଥାଏ । ଅନ୍ଧବିଶ୍ୱାସର ଏ ସମସ୍ତ ଖେଳ ସ୍ଥାନୀୟ ପୋଲିସ କର୍ମଚାରୀମାନଙ୍କ ସାମ୍ନାରେ ହୋଇଥାଏ । ଏହି ମେଳା ୩୫୦ବର୍ଷରୁ ହୋଇଆସିଲାଣି । ଅନ୍ଧବିଶ୍ୱାସର ଏହି ମେଳାରେ ଅଭିଯୋଗ ନେଇ ମଣିଷମାନେ ଆସିଥାନ୍ତି । ଯଦି କୌଣସି ବ୍ୟକ୍ତିଙ୍କ ଉପରେ ଭୂତ କିମ୍ବା ପ୍ରେତଙ୍କର ପ୍ରଭାବ ରହିଥାଏ ତେବେ ତାଙ୍କୁ ଏହି ସଂକଟରୁ କେବଳ ବେଚୁବିର ବାବା ହିଁ ମୁକ୍ତ କରିପାରିବେ । ଏଠାକୁ ଅନେକ ଦୂର ଦୂରାନ୍ତରୁ ଲୋକମାନେ ଚିକିତ୍ସା କରିବା ପାଇଁ ଆସିଥାନ୍ତି । ବେଚୁ ବାବାଙ୍କ ସମାଧିର ଦେଖାଶୁଣା ତାଙ୍କର ଏହି ଛଅ ବଶଂଜ କରିଥାନ୍ତି । ଏଠାରେ ଭୂତ-ପ୍ରେତଙ୍କ ବ୍ୟତୀତ ନିଃସନ୍ତାନ ଲୋକମାନେ ମଧ୍ୟ ଆସିଥାନ୍ତି ।

## ୧୦୬୮ଟଙ୍କାର କିଟ୍‌କାଟ୍

ଯଦି ଆପଣ ଚକୋଲେଟ୍ ଖାଇବାର ସୌଖୀନ୍ ତେବେ ଆପଣଙ୍କ ପାଇଁ ଏକ ବଡ଼ ଖୁସି ଖବର । ପ୍ରସିଦ୍ଧ କମ୍ପାନୀ ନେସ୍‌ଲେ ଜାପାନରେ ଗୋଟିଏ ନୂଆ ପ୍ରଡ଼କ୍ଟ ଲଞ୍ଚ କରିଛନ୍ତି । ଏହି ପ୍ରଡ଼କ୍ଟ ହେଉଛି ଗୋଟିଏ ଚକୋଲେଟ୍ । କିନ୍ତୁ ଏହା ଏକ ସାଧାରଣ ଚକୋଲେଟ୍ ନୁହେଁ । ସୁନାରେ ପ୍ରସ୍ତୁତ ଚକୋଲେଟ୍ । ନେସ୍‌ଲେ ଏହି ଚକୋଲେଟ୍‌ର ଉତ୍ପାଦନ କମ୍ପାନୀର ଚକଲେଟ୍ରୀ ବୁଟିକ୍ ପାଇଁ କରିଛନ୍ତି । ଏହାକୁ ଖାଇବା ଯୋଗ୍ୟ କରିବା ପାଇଁ ସେଥିରେ ସୁନାରେ ପତଳା କୋର୍ଟ ଦିଆଯାଇଛି । ଏବେ ଚକୋଲେଟ୍‌କୁ ୱାନ୍ ଫିଙ୍ଗର କିଟ୍‌କାଟ୍ ଚକୋଲେଟ୍ ଆକାରରେ ଲଞ୍ଚ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ କମ୍ପାନୀ ଡିସେମ୍ବରର ଶେଷ ଆଡ଼କୁ ୫୦୦ ଚକୋଲେଟ୍‌କୁ ଜାପାନ୍‌ର ୮ଟି କିଟ୍‌କାଟ୍ ବୁଟିକ୍‌ରେ ବିକ୍ରି କରିବେ

। ସୁନାର ପରସ୍ତ ପଡ଼ିଥିବା ଏହି ଚକୋଲେଟ୍‌ର ଜାପାନ ମୂଲ୍ୟ ୨,୦୧୬ୟେନ୍(୧୬ଡଲାର) ଦାମରେ ବିକ୍ରି କରାଯିବ । ଯାହାର ଭାରତୀୟ ମୂଲ୍ୟ ୧.୦୬୮ଟଙ୍କା ହେବ । ଜାପାନରେ ନେସଲେ ୩୦ପ୍ରକାରର କିଟ୍‌କାଟ୍ ବିକ୍ରି କରିଥାଏ ।

## ପୁରାଣ କାହାଣୀ

# ହଜିଯାଇଥିବା ଜିନିଷ ଖୋଜି ଆଣିବ ସୁଦର୍ଶନ ଚକ୍ର

ଜୀବନରେ କୌଣସି ଜିନିଷ ହଜିଯିବା, କେଉଁଠି ରଖି ଭୁଲିଯିବା, ହଜିଯାଇଥିବା ଜିନିଷ ଖୋଜିଲେ ନ ମିଳିବା ଆଦି ସମସ୍ୟା ସ୍ୱାଭାବିକ୍ ଭାବେ ଘଟିଥାଏ । ଯାହା ମନକୁ ଭାରାକ୍ରାନ୍ତ କରିଦିଏ । ଏଭଳି ପରିସ୍ଥିତିରେ କାର୍ତ୍ତବିୟାର୍ଜୁନ୍ ରାଜା ଯିଏ ହେୟ ବଂଶର ତଥା ଭଗବାନ ବିଷ୍ଣୁଙ୍କ ସୁଦର୍ଶନ ଚକ୍ରର ଅବତାର ବୋଲି କୁହାଯାଇଥାଏ । ତାଙ୍କର ସାଧନା କରିବା ଦ୍ୱାରା ଏହି ସବୁ ସମସ୍ୟାରୁ ତୁରନ୍ତ ମୁକ୍ତି ମିଳିଥାଏ । ପୁରାଣରେ ବର୍ଣ୍ଣିତ ହୋଇଛି ଯେ ସୁଦର୍ଶନ ଚକ୍ର ଯେ କୌଣସି ଦିଗକୁ ଯାଇ ହଜିଥିବା ଜିନିଷ ଖୋଜି ଆଣିବାରେ ସାହାଯ୍ୟ କରିଥାଏ । ଏହାର ସାଧନା ପାଇଁ ଦୀପ ଜଳାଇ ପୂର୍ବ ଅଥବା ଉତ୍ତର ଦିଗ ପଟକୁ ମୁହଁ କରି ବସନ୍ତୁ । ହଜିଯାଇଥିବା ଜିନିଷକୁ ଭାବନାରେ ଆଣି ଭଗବାନ ବିଷ୍ଣୁଙ୍କର ସୁଦର୍ଶନ ରୂପକୁ ସ୍ମରଣ କରି ଧ୍ୟାନ କରନ୍ତୁ ।

# ନ୍ୟୁଡ ସେଲଫି ବଦଳରେ ମିଳୁଛି ଋଣ

ବେଜିଂ ସାଧାରଣତଃ ଋଣ ପ୍ରଦାନ ସମୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ଘର କିମ୍ବା ଜମି ପଟ୍ଟାକୁ ବନ୍ଦକ ରଖିଥାନ୍ତି । ହେଲେ ଚୀନର ଏକ ବ୍ୟାଙ୍କ ଗ୍ୟାରେଣ୍ଟି ବାବଦରେ ଝିଅଙ୍କ ଅଶ୍ଳିଳ ଫଟୋକୁ ଗ୍ରହଣ କରୁଛି । ସର୍ତ୍ତ ରହିଛି ଯଦି ସଠିକ ସମୟରେ ଋଣ ପରିଶୋଧ କରାନଯାଏ ତେବେ ଏହି ଫଟୋକୁ ସାର୍ବଜନୀନ କରାଯିବ । ଚୀନରେ ଜିଏଦାଇବାଓ ନାମକ ଏକ କମ୍ପାନୀ ଲୋକଙ୍କୁ ବ୍ୟବସାୟ ଏବଂ ଆବଶ୍ୟକୀୟ ସାମଗ୍ରି କ୍ରୟ ପାଇଁ ଅନଲାଇନରେ ଋଣ ପ୍ରଦାନ କରୁଛି । ତେବେ ଋଣ ପାଇଁ ଗ୍ୟାରେଣ୍ଟର ଭାବେ ଝିଅ

ପିଲାଙ୍କୁ ଅନଲାଇନରେ ନ୍ୟୁଡ ଫଟୋ ଦେବାକୁ କୁହାଯାଉଛି । ଏଥିରେ ଝିଅମାନେ ନିଜ ପରିଚୟ ପତ୍ର ସହ ଫଟୋ ଦେଉଛନ୍ତି । କୁହାଯାଇଛି ଯେ ଯଦି ସଠିକ ସମୟରେ ଋଣ ଅର୍ଥ ପୈଠ ନହୁଏ ତେବେ ଏହି ଫଟୋ ପରିବାର ଏବଂ ପରିଚିତ ଲୋକମାନଙ୍କୁ ପଠାଇବା ସହ ସୋସିଆଲ ସାଇଟରେ ମଧ୍ୟ ସେୟାର କରାଯିବ । କମ୍ପାନୀଟି ୩୦% ସାପ୍ତାହିକ ସୁଧରେ ଏହି ଅର୍ଥ ଆବଶ୍ୟକୀୟ ଲୋକଙ୍କୁ ପ୍ରଦାନ କରୁଛି । ମିଳିଥିବା ସୂଚନା ଅନୁସାରେ ଏହି କମ୍ପାନୀଟି ଅଦ୍ୟାବଧି ୧୬୦ଜଣ ଝିଅଙ୍କ ଫଟୋକୁ ସୋସିଆଲ ସାଇଟରେ ଛାଡି ସାରିଲେଣି । ଘଟଣାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରିୟା ଆରମ୍ଭ ହୋଇଥିଲା ବେଳେ କମ୍ପାନୀକୁ ବନ୍ଦ କରିବା ପାଇଁ ଦାବି ତେଜିଲାଣି ।

# ଖାତାକୁ ଆସିଲା ୩୧କୋଟି, ଗହଣା ଏବଂ କପଡ଼ା ପାଇଁ କରିଦେଲେ ଖର୍ଚ୍ଚ

ସିଡନୀ ଭାରତରେ ନୋଟରଦ୍ଦ ନିଷ୍ପତ୍ତି କାରଣରୁ ଅନେକ କଳାଧନକୁ ଧଳା କରିବା ପାଇଁ ଅନ୍ୟମାନଙ୍କ ଆକାଉଣ୍ଟରେ ଅର୍ଥ ଜମା କରୁଥିବା ଘଟଣା ଏବେ ଦେଖିବାକୁ ମିଳୁଛି । ସେହିପରି ଭୁଲରେ ମଧ୍ୟ ବ୍ୟାଙ୍କ

ଅଧିକାରୀମାନେ ଜଣଙ୍କ ସ୍ଥାନରେ ଅନ୍ୟଜଣଙ୍କ ଆକାଉଣ୍ଟରେ ଟଙ୍କା ଜମା କରିଦେଉଛନ୍ତି । ବ୍ୟାଙ୍କର ଏହି ତ୍ରୁଟି ଯୋଗୁ ଜଣେ ଛାତ୍ରଙ୍କୁ କୋର୍ଟର ଚକ୍କର କାଟିବାକୁ ପଡିଛି । ମାମଲାଟି ୨୦୧୨ ମସିହାର । ବ୍ୟାଙ୍କ ପକ୍ଷରୁ ଭୁଲରେ ମାଲେସିଆର ଜଣେ ୨୧ବର୍ଷୀୟ ଛାତ୍ରୀ କ୍ରିଷ୍ଟିନାଙ୍କ ଖାତାକୁ ଆସିଥିଲା ୩୧କୋଟି ଟଙ୍କା । ୨୦୧୪ ଜୁଲାଇ ମାସରେ ଏ ସମ୍ପର୍କରେ କ୍ରିଷ୍ଟିନା ଜାଣିପାରିଥିଲେ । ପରେ ଏହି ଟଙ୍କାରେ ସେ ଗହଣା,ପ୍ରଶାଧନ ସାମଗ୍ରିଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଜିନିଷ କ୍ରୟ କରିଥିଲେ । ଏପରିକି ଗୋଟିଏ ଦିନ ସେ ଦେଢକୋଟି ଟଙ୍କାର କିଣାବିକା କରିଥିଲେ । ଗତବର୍ଷ ଏହି ତ୍ରୁଟି ସମ୍ପର୍କରେ ବ୍ୟାଙ୍କ କର୍ତ୍ତୃପକ୍ଷ ଅବଗତ ହେବାପରେ କ୍ରିଷ୍ଟିନାଙ୍କୁ ଫୋନ କରି ତୁରନ୍ତ ଟଙ୍କା ଫେରାଇବା ପାଇଁ ଅନୁରୋଧ କରିଥିଲେ । ହେଲେ କ୍ରିଷ୍ଟିନା କହିଥିଲେ ଯେ ମୁଁ ଭାବିଥିଲି ଏହି ଟଙ୍କା ମୋତେ ମୋ ବାପା ପଠାଇଛନ୍ତି । ପରେ ଘଟଣାଟି କୋର୍ଟରେ ପହଞ୍ଚିଥିଲା । ଗତ ମଙ୍ଗଳବାର ଦିନ ଡାଉନିଂ ସେଣ୍ଟର କୋର୍ଟରେ କ୍ରିଷ୍ଟିନା ଉପସ୍ଥିତ ହୋଇ ନିଜ ଯୁକ୍ତି ରଖିଥିଲେ । ପରେ ଏହି ମାମଲାରେ କୋର୍ଟ ତାଙ୍କୁ ସମ୍ମାନର ସହ ମୁକ୍ତି କରିଛି ।

# ଖରିଫ୍ ଧାନ ସଂଗ୍ରହ ପାଇଁ ଚାଷୀ ନାମପଂଜୀକରଣରେ ୧୩ ପ୍ରତିଶତ ବୃଦ୍ଧି

ଭୁବନେଶ୍ୱର,(ପିଏନ)-୨୦୨୦-୨୧ ଖରିଫ୍ ବିପଣନ ଋତୁରେ ମୂଲ୍ୟ ସହାୟକ ଯୋଜନାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ଚାଷୀ ନାମ ପଂଜୀକରଣ ଗତବର୍ଷ ତୁଳନାରେ ଉଲ୍ଲେଖନୀୟ ୧୩ ପ୍ରତିଶତ ବୃଦ୍ଧି ପାଇଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ପାଇଁ ଅଦ୍ୟାବଧି ମୋଟ ୧୪ ଲକ୍ଷ ୨ ହଜାର ୨୦୫ ଜଣ ଚାଷୀ ଅନ୍ ଲାଇନ୍ ଜରିଆରେ ସେମାନଙ୍କ ନାମ ପଂଜୀକରଣ କରିଛନ୍ତି । ଗତବର୍ଷ ୨୦୧୯-୨୦ ଖରିଫ୍ ଧାନ ନିମନ୍ତେ ୧୨ ଲକ୍ଷ ୩୫ ହଜାର ୯୦୮ ଜଣ ଚାଷୀ ନାମ ପଂଜୀକରଣ କରିଥିଲେ ।

କୋଭିଡ୍-୧୯ ସ୍ଥିତିରେ ସରକାରଙ୍କ ସମସ୍ତ ମାର୍ଗଦର୍ଶିକା ଓ ସାମାଜିକ ଦୂରତ୍ୱ ଅନୁପାଳନ କରି ବିଭାଗ ଦ୍ୱାରା ପ୍ୟାକ୍ସ ଓ ଲ୍ୟାମ୍ପସ୍ ମାଧ୍ୟମରେ ଚାଷୀ ନାମ ପଂଜୀକରଣ କାର୍ଯ୍ୟ ସୁରୁଖୁରୁରେ କରାଯାଇପାରିଛି ଏବଂ ଗତବର୍ଷ ତୁଳନାରେ ୧ ଲକ୍ଷ ୬୬ ହଜାର ୨୯୭ ଜଣ ଅଧିକ ଚାଷୀ ସେମାନଙ୍କ ଖରିଫ୍ ଧାନ ବିକିବା ନିମନ୍ତେ ନାମ ପଂଜୀକରଣ କରିଥିବାରୁ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ ଶ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ କୃଷକ ଭାଇ ଏବଂ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି । ରାଜ୍ୟର ୩୦ଟି ଜିଲ୍ଲାରେ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ୨୮୫୨ଟି ପ୍ୟାକ୍ସ ଜରିଆରେ ନାମ ପଂଜୀକରଣ କାର୍ଯ୍ୟ କରାଯାଉଛି । ୨୦୨୦-୨୧ ଖରିଫ୍ ଧାନ ସଂଗ୍ରହ ନିମନ୍ତେ ରାଜ୍ୟର ପ୍ରାୟ ପ୍ରତିଟି ଜିଲ୍ଲାରେ ଗତବର୍ଷ ତୁଳନାରେ ନାମ ପଂଜୀକରଣ ସଂଖ୍ୟା ବୃଦ୍ଧି ପାଇଥିବାବେଳେ ନୂଆପଡ଼ା ଜିଲ୍ଲାରେ ଉଲ୍ଲେଖନୀୟ ୩୫ ପ୍ରତିଶତ ବୃଦ୍ଧି ପାଇଛି । ଏତଦ୍ ବ୍ୟତୀତ ବଲାଙ୍ଗୀର ଓ ଯାଜପୁର ଜିଲ୍ଲାରେ ୨୯ ପ୍ରତିଶତ ବୃଦ୍ଧି ପାଇଥିବାବେଳେ ମୟୂରଭଞ୍ଜ ଜିଲ୍ଲାରେ ୨୮ ପ୍ରତିଶତ, ଝାରସୁଗୁଡ଼ାରେ ୨୩ ପ୍ରତିଶତ, ଦେବଗଡ଼ରେ ୨୨ ପ୍ରତିଶତ, ଭଦ୍ରଖରେ ୨୦ ପ୍ରତିଶତ, ଢେଙ୍କାନାଳରେ ୧୯ ପ୍ରତିଶତ, ଅନୁଗୋଳ, ଜଗତସିଂହପୁର ଓ କୋରାପୁଟରେ ୧୮ ପ୍ରତିଶତ ଲେଖାଏଁ ନାମ ପଂଜୀକରଣ ବୃଦ୍ଧି ପାଇଛି । ସେହିପରି କଟକ ଜିଲ୍ଲାରେ ଚାଷୀ ନାମ ପଂଜୀକରଣ ୧୭ ପ୍ରତିଶତ, ସମ୍ବଲପୁରରେ ୧୬ ପ୍ରତିଶତ, ବାଲେଶ୍ୱର ୧୫ ପ୍ରତିଶତ, ବରଗଡ଼ରେ ୧୫ ପ୍ରତିଶତ ଏବଂ ସୁନ୍ଦରଗଡ଼ରେ ୧୩ ପ୍ରତିଶତ ବୃଦ୍ଧି ପାଇଛି ।

# ସନ୍ତାନ ଓ ଚାକିରି ଛାଡ଼ି ଆଇଏସ ବିରୋଧରେ ବନ୍ଧୁକ ଉଠାଇଲେ ମହିଳା

ସିରିୟାର ବେବିଲୋନିଆ ତାଙ୍କର ଦୁଇ ସନ୍ତାନ



ଓ ହେୟାର ଡ୍ରେସର ଚାକିରି ଛାଡି ଦୁର୍ଦ୍ଧର୍ଷ ଆତଙ୍କବାଦୀ ସଂଗଠନ ଆଇଏସଆଇଏସ ବିରୋଧରେ ବନ୍ଧୁକ ଉଠାଇଛନ୍ତି । ସେ ଆଇଏସ ବିରୋଧରେ ଲଢୁଥିବା ଖ୍ରୀଷ୍ଟିଆନ ଫିମେଲ ପ୍ରୋଟେକସନ ଗ୍ରୁପରେ ସାମିଲ ହୋଇଛନ୍ତି । ୩୬ ବର୍ଷୀୟା ବେବିଲୋନିଆ ସିରିୟାର ଉତ୍ତର-ପୂର୍ବରେ ହଶକାହ ପ୍ରଦେଶରେ ଖ୍ରୀଷ୍ଟିଆନ ସଂଖ୍ୟାଲଘୁ ସଂପ୍ରଦାୟର ମହିଳା । ଏହି ଗ୍ରୁପରେ ୫୦ ମହିଳା ଅଛନ୍ତି ଏବଂ ଏମାନଙ୍କ ପ୍ରଶିକ୍ଷଣ ଶିବିର ସିରିୟାର ଅଲ-କହତନିଏ ସହରରେ ରହିଛି । ବେବିଲୋନିଆ କହିଛନ୍ତି ପିଲାଙ୍କ ଭବିଷ୍ୟକୁ ସୁରକ୍ଷିତ କରିବା ପାଇଁ ସେ ଆଇଏସଆଇଏସ ବିରୋଧରେ ଅସ୍ତ୍ର ଉଠାଇଛନ୍ତି । ସିରିୟାରେ ୮୯ହଜାର ଖ୍ରୀଷ୍ଟିଆନ ବସବାସ କରୁଥିଲେ ହେଁ ଆଇଏସ ଆତଙ୍କବାଦୀଙ୍କ ଭୟରେ ଏମାନଙ୍କ ସଂଖ୍ୟା ଦ୍ରୁତ ହ୍ରାସ ପାଉଛି ।

## ଆଜିର ଭାଗ୍ୟ

**ମେଷ**
କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ**
ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ**
କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ**
ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ**
ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା**
ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା**
ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା**
ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ**
ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର**
କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ**
ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ**
କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ସୁନ୍ଦର ଆଖି

ମଣିଷ ଶରୀରରେ ଆଖି ହେଉଛି ସବୁଠାରୁ ସୁନ୍ଦର ଭାଗ । ଯାହା ଆପଣଙ୍କ ସୁନ୍ଦରତାକୁ ଆହୁରି ବଢାଇ ଦେଇଥାଏ । ଯଦି ଆପଣ ଆପଣଙ୍କ ଆଖିକୁ ସୁନ୍ଦର କରିବାକୁ ଚାହାନ୍ତି ତେବେ, ସ୍ପୋମିକ ଆଇଜ୍ ପାଇଁ ସର୍ବଦା ଗ୍ରେ ଏବଂ କଳା ରଙ୍ଗର ଆଇସ୍ୟାଡୋର ମିଶ୍ରଣକୁ କଳା ସହିତ ଲଗାନ୍ତୁ । ଏଥିପାଇଁ ସର୍ବପ୍ରଥମେ ଆଇବ୍ରୋର ତଳ ଭାଗରେ ରହିଥିବା ହାଡରୁ ଟିକେ ତଳକୁ ଆଖିପତାରେ ଗ୍ରେ ରଙ୍ଗର ଆଇସ୍ୟାଡେ ଲଗାନ୍ତୁ । ଏହାପରେ ଆଖିର ତଳ ଏବଂ ଉପର ଦୁଇ ଭାଗରେ କଳା ଲଗାନ୍ତୁ । ଏହା ଆଖିର ସୁନ୍ଦରତା ବଢେଇ ଦେଇଥାଏ ।

# କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ହାନିକାରକ

ଆପଣଙ୍କ ଶରୀର ପାଇଁ କ୍ଷତିକାରୀ ସାବ୍ୟସ୍ତ ହୋଇପାରେ । ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି କ୍ଲୋରାମିନ୍ ଯୁକ୍ତ ଖାଦ୍ୟ ଓ ଲୁଣ ପ୍ରତିକ୍ରିୟା କରି ଏଭଳି ଏକ ହାନିକାରକ ରସାୟନ ନିର୍ମାଣ କରୁଛନ୍ତି, ଯାହା ଆପଣଙ୍କୁ ଡାକ୍ତରଖାନାରେ ପହଞ୍ଚାଇଦେବ । ଗବେଷକମାନେ ଅନେକ ଅଣୁମାନଙ୍କର ସନ୍ଧାନ କରିଛନ୍ତି, ଯାହା ସମ୍ପୂର୍ଣ୍ଣ ନୂଆ ଓ କ୍ଲୋରାମିନ୍ ଯୁକ୍ତ ପାଣି ଓ ଖାଦ୍ୟରେ ଥିବା ଆୟୋଡ଼ିନ୍ ଯୁକ୍ତ ଲୁଣ ମଧ୍ୟରେ

ପ୍ରତିକ୍ରିୟାରୁ ସୃଷ୍ଟି ହୋଇଛନ୍ତି । ପାଣିକୁ ସ୍ୱଚ୍ଛ କରିବା ପାଇଁ ସେଥିରେ କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍‌ର ଅଣୁ ମିଶାଯାଇଥାଏ । ଗବେଷକଙ୍କ ମତରେ ପାଇପ୍ ପାଣିରେ ଉପସ୍ଥିତ ଥିବା କ୍ଲୋରିନ୍ କିମ୍ବା କ୍ଲୋରୋଏମିନ୍ସ ଆୟୋଡ଼ିନ୍ ଲୁଣ ସହ ପ୍ରତିକ୍ରିୟା କରି ହାଇପୋଆୟୋଡ଼ସ୍ ଏସିଡ଼ ନିର୍ମାଣ କରିଥାଏ । ଯାହା ସାଧାରଣତଃ ହାନିକାରକ ନୁହ

# ଆମେ ଶାନ୍ତି ଚାହୁଁ ଯୁଦ୍ଧ ନୁହେଁ !

**ସେ**ଦିନ ଶନିବାର ଥାଏ। ଅଫିସ କାମରେ ଯାଉଥିଲି। ଉଦୁ ଉଦୁଆ ଖରାରେ ମାଷ୍ଟର କ୍ୟାଂଟିନ ଛକରେ ଦେଖିବାକୁ ପାଇଲି ୩୦-୪୦ ଜଣ ପିଲା, ଯୁବକ ଏବଂ ବୃଦ୍ଧ ଶ୍ରେଣୀର ଲୋକମାନେ ହାତରେ ଗୋଟିଏ ଗୋଟିଏ ବ୍ୟାନର ଧରି ନୀରବ ଭାବେ ବିଶ୍ୱକୁ ଏକ ବାର୍ତ୍ତା ଦେଉଛନ୍ତି। କୁନି କୁନି ଛୁଆମାନେ ହୁଏତ ବ୍ୟାନରରେ ଲେଖା ଯାଇଥିବା ବାର୍ତ୍ତାକୁ ପଢି ପାରୁ ନଥିବେ ଅବା ବୁଝି ପାରୁ ନଥିବେ କିନ୍ତୁ ତାଙ୍କ ଆଖିକୁ ଦେଖିଲେ ସ୍ପଷ୍ଟ ଭାବେ ଜଣାପଡୁଥିଲା ଯେ ସେମାନଙ୍କ ପାଖେ ସବୁ କିଛି ଥାଇ ମଧ୍ୟ ସେମାନେ ଅସହାୟ। ସେମାନଙ୍କ ଠାରୁ ଅଧିକ କିଛି ଜାଣିବାକୁ ଚେଷ୍ଟା କରିଥିଲି। ଜାଣିବାକୁ ପାଇଲି ଯେ ଏବେ ଯେଉଁ ରୁଷିଆ ଏବଂ ୟୁକ୍ରେନ ଯୁଦ୍ଧ ଚାଲିଛି। ସେ ଯୁଦ୍ଧ ତୃତୀୟ ବିଶ୍ୱଯୁଦ୍ଧ ଆଡ଼କୁ ଗତି କରୁଛି ବୋଲି ଏହି କୁନି କୁନି ପିଲାମାନେ ପୋଷ୍ଟର ଏବଂ ବ୍ୟାନର ମାଧ୍ୟମରେ ଅବଗତ କରାଉଛନ୍ତି। ତାଙ୍କ ଆଖିର ଚାହାଣି କହୁଛି ଯେ

ଆମେମାନେ ଦେଶର ଏବଂ ଏ ଧରାପୃଷ୍ଠର ଭବିଷ୍ୟତ। ଆମେ ପୃଥିବୀରେ ବଂଚିବାକୁ ଚାହୁଁଛୁ। ଦେଶ ମାତୃକାର ବିକାଶ, ଉନ୍ନତି ଏବଂ ପ୍ରଗତିରେ ଅଂଟା ଭିଡ଼ି ଛିଡ଼ା ହେବାକୁ ଚାହୁଁଛୁ। ବିଗତ ବର୍ଷମାନରେ ମଣିଷ ଦୁଇ ଦୁଇ ଗୋଟି ବିଶ୍ୱଯୁଦ୍ଧର ବିଭିଷିକା ଦେଖି ସାରିଛି ଏବଂ ତାର କୁପରିଣାମ ଏପର୍ଯ୍ୟନ୍ତ ମଧ୍ୟ ଭୋଗି ଆସୁଛି। ନୀରବତା ସାଜି ଏ କୁନି ପିଲାମାନେ ଆମ ସରକାରଙ୍କୁ ଜଣାଇ ଦେବାକୁ ଚାହୁଁଛନ୍ତି ଯେ ଆମ ଦେଶର ବିକାଶ ଓ ଉନ୍ନତି ପାଇଁ ଆମେ ଜୀବିତ ରହିବାକୁ ଚାହୁଁ। କାରଣ ଯଦି ବିଶ୍ୱଯୁଦ୍ଧ ଆରମ୍ଭ ହୋଇଯାଏ ତେବେ ନିଶ୍ଚିତରେ ଆମ ଦେଶର ସାହାଯ୍ୟ ମଧ୍ୟ କେହି ରାଷ୍ଟ୍ର ଲୋଡ଼ିବ। ଅପର ପକ୍ଷ ରାଷ୍ଟ୍ର ଆମ ଦେଶର ମଧ୍ୟ ଶତ୍ରୁ ସାଜିବ। ଆମ ରାଷ୍ଟ୍ରର ସୁରକ୍ଷା ପାଇଁ ଲଢିବାକୁ ପଡ଼ିବ। ଭୟାବହ ପରିସ୍ଥିତି ଉପୁଜିବ। ଧ୍ୱଂସ ବିଧ୍ୱଂସର ଆତଙ୍କ ଖେଳିବ। ଆମ ଭବିଷ୍ୟତ ଅନ୍ଧକାର ହୋଇଯିବ। ପରମାଣୁ ଅସ୍ତ୍ରଶସ୍ତ୍ରର ବ୍ୟବହାର ଦ୍ୱାରା ଆମ ପିଢି ଏବଂ ଆଗନ୍ତୁକ ପିଢି ଉପରେ

ଏହାର କୁପ୍ରଭାବ ପଡ଼ିବ। ଏପରି ପରିସ୍ଥିତି ଆଗକୁ କିପରି ନଆସୁ ଏବଂ ଆମ ଆଗନ୍ତୁକ ପିଢି କିପରି ବିଶ୍ୱଯୁଦ୍ଧ ନଦେଖୁ। ମାନବ ଜାତି କିପରି ଅଧିକ ଦିନ ତିଷ୍ଠି ରହୁ। ଏପରି ସବୁ ଆନ୍ତର୍ଜାତିକ ସମସ୍ୟା ଓ ତାର ସମାଧାନ ବିଷୟରେ ଏମାନେ ଜନ ସଚେତନ ସୃଷ୍ଟି କରୁଛନ୍ତି।

ପଢିବାକୁ ପାଇଲି ଯେ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତ ଭାରତ ପକ୍ଷରୁ ଭାରତର ବିଭିନ୍ନ ସହରରେ "ତୃତୀୟ ବିଶ୍ୱଯୁଦ୍ଧ ବନ୍ଦ କର" ଉପଲକ୍ଷେ ଶାନ୍ତି-ଶୃଙ୍ଖଳା ପ୍ରକ୍ରିୟାରେ ଶାନ୍ତିର ବାର୍ତ୍ତା ପ୍ରଦର୍ଶିତ କରାଯାଉଛି। ବିଗତ ଅନେକ ବର୍ଷ ଧରି ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତର ସର୍ବୋଚ୍ଚ ମୁଖ୍ୟ ହଜରତ ମିର୍ଜା ମସରୁର ଅହମଦ ଦୁନିଆର ମହାଶକ୍ତିଶାଳୀମାନଙ୍କୁ ସତର୍କ କରି ଆସୁଛନ୍ତି ଯେ ସେମାନେ ବିଂଶ ଶତାବ୍ଦିରେ ହୋଇଥିବା ଦୁଇଗୋଟି ଐତିହାସିକ ବିଧ୍ୱଂସକାରୀ ବିଶ୍ୱଯୁଦ୍ଧରୁ ଶିକ୍ଷା ହାସଲ କରିବା ଉଚିତ। ଏ ସଂପର୍କରେ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତର ସର୍ବୋଚ୍ଚ ମୁଖ୍ୟ ବିଭିନ୍ନ ଜାତି ଓ ସଂପ୍ରଦାୟର ମୁଖ୍ୟଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି ଯେ ସେମାନେ ଜାତିବାଦ ଓ ବ୍ୟକ୍ତିଗତ ଲାଭକୁ ଭୁଲି ସବୁ କ୍ଷେତ୍ରରେ ପ୍ରକୃତ ନ୍ୟାୟକୁ ପ୍ରତିଷ୍ଠା କରି ବିଶ୍ୱଶାନ୍ତି ଓ ନିରାପତାକୁ

ଅଗ୍ରାଧିକାର ଦିଅନ୍ତୁ। ସମୟର ଏହା ଅତ୍ୟନ୍ତ ଆବଶ୍ୟକତା ଯେ ଆଉ ଅଧିକ ଯୁଦ୍ଧ ଓ ରକ୍ତପାତ ନହେଉ। ଏଥି ପ୍ରତି ସମସ୍ତ ପ୍ରକାରର ପ୍ରୟାସ କରିବା ଉଚିତ। ଏବେ ବି ସମୟ ଅଛି, ବିଶ୍ୱ ଧ୍ୱଂସମୁଖରୁ ପଛକୁ ଚାଲିଆସୁ। ସେ କହିଛନ୍ତି ଯେ ମୁଁ ରୁଷ, ନାଟୋ ଏବଂ ସମସ୍ତ ମହାଶକ୍ତିମାନଙ୍କୁ ଦୃଢ ଭାବେ କହିବାକୁ ଚାହୁଁଛି ଯେ ସେମାନେ ନିଜର ସମସ୍ତ ପ୍ରକାରର ପ୍ରୟାସକୁ ମାନବର ବିକାଶ ପାଇଁ କଳହକୁ ସମାପ୍ତ କରି ଏକ କୂଟନୈତିକ ମାଧ୍ୟମରେ ଶାନ୍ତିର ମାର୍ଗକୁ ଅନୁସନ୍ଧାନ କରନ୍ତୁ।

ପୁଣି ସେ କୁହନ୍ତି; ଆଜି ଏବଂ ଆଗାମୀରେ ମଧ୍ୟ ବିଶ୍ୱର ମହାଶକ୍ତିମାନେ ଯୁଦ୍ଧ, ରକ୍ତପାତ ଏବଂ ଧ୍ୱଂସଲୀଳାର କରାଳରୁ ମାନବ ସମାଜକୁ ସୁରକ୍ଷିତ ରଖିବା ପାଇଁ ସଂପୂର୍ଣ୍ଣ ଭାବେ ଦାୟିତ୍ୱ ତୁଲାନ୍ତୁ। ମହାଶକ୍ତିର ମୁଖ୍ୟମାନେ ଏବଂ ସେମାନଙ୍କର ସରକାର ଏପରି ପଦକ୍ଷେପ ନ ନିଅନ୍ତୁ, ଯାହା ଆମ ପିଲାମାନଙ୍କ ଏବଂ ଆଗନ୍ତୁକ ପିଢିର ଭବିଷ୍ୟତକୁ ଧ୍ୱଂସ କରି ଦେବ। ବରଂ ସେମାନଙ୍କର ପ୍ରତ୍ୟେକ ପ୍ରୟାସ ଏହା ସୁନିଶ୍ଚିତ ହେବା ଉଚିତ୍ ଯେ ଆମେ ଆମର ଆଗାମୀ ପିଢିଙ୍କ ପାଇଁ ଏକ ସୁଖ-ଶାନ୍ତିମୟ ସଂସାର ଛାଡ଼ି ଯିବା।

ସଂସାରରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ପ୍ରତ୍ୟେକ ସ୍ତରରେ ପ୍ରୟାସ କରିବା ଉଚିତ୍। ମଣିଷକୁ ବ୍ୟକ୍ତିଗତ ଭାବେ ମଧ୍ୟ ଏ ସଂପର୍କରେ ପ୍ରୟାସ କରିବା ଉଚିତ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଆମକୁ ନିମ୍ନ ଲିଖିତ ଦଶଗୋଟି ନୀତିଗୁଡ଼ିକୁ ପାଳନ କରିବା ଉଚିତ। ୧. ନିଜ ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନନ୍ତୁ। ୨. ପୂର୍ଣ୍ଣ ନ୍ୟାୟ ପ୍ରତିଷ୍ଠା କରନ୍ତୁ। ୩. ବିଶ୍ୱବ୍ୟାପୀ ଏକତାକୁ ପ୍ରଶ୍ରୟ ଦିଅନ୍ତୁ। ୪. ପରମାଣୁ ଅସ୍ତ୍ରର ବର୍ଜନ କରନ୍ତୁ। ୫. ଅସ୍ତ୍ରଶସ୍ତ୍ରର ବ୍ୟବସାୟରୁ ଲାଭ ଉପାର୍ଜନ କରିବା ବନ୍ଦ କରନ୍ତୁ। ୬. ଅର୍ଥନୈତିକ ସମାନତା ସୃଷ୍ଟି କରନ୍ତୁ ଏବଂ ଦାରିଦ୍ର୍ୟ ଦୂର କରନ୍ତୁ। ୭. ଦେଶର ବିକାଶ ଓ ଉନ୍ନତି ସକାଶେ ଉଦ୍ୟମ କରନ୍ତୁ। ୮. ଚରମପନ୍ଥୀ ଦଳକୁ ପ୍ରତିବାଦ କରନ୍ତୁ। ୯. ମାନବ ଜାତିର ସେବା କରନ୍ତୁ। ୧୦. ପାରସ୍ପରିକ ଆସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରନ୍ତୁ। ଶାନ୍ତି ସ୍ଥାପନା ପାଇଁ ଉକ୍ତ ନୀତିଗୁଡ଼ିକୁ ପ୍ରତ୍ୟେକ ସହରବାସୀଙ୍କୁ ପହଂଚାଇବା ପାଇଁ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ଜମାତ ପକ୍ଷରୁ ଏହି ପ୍ରଦର୍ଶନୀର ଆୟୋଜନ କରାଯାଉଛି। ଅହମଦୀୟା ମୁସଲିମ ଜମାତ ଏକ ଆଧାତ୍ମିକ ଓ ଧାର୍ମୀକ ସଂଗଠନ। ଯାହାର ଉଦ୍ଦେଶ୍ୟ "ପ୍ରେମ ସଭିଙ୍କ ପାଇଁ - ଘୃଣା କାହାକୁ ନାହିଁ।" ଏହି ଉଦ୍ଦେଶ୍ୟକୁ ନେଇ ବିଶ୍ୱବ୍ୟାପ୍ତ ଅହମଦୀୟା ମୁସଲିମ ସଂଗଠନ ବିଶ୍ୱରେ ଶାନ୍ତି ସ୍ଥାପନା କରିବା ପାଇଁ ପ୍ରୟାସ କରିଚାଲିଛି। ଦେଶର ପ୍ରଗତି ପାଇଁ ସେବା କରି ଆସୁଛି। ଆମେ କାମନା କରୁଛୁ, ବିଶ୍ୱର ମୁଖ୍ୟମାନେ ସମୟର ଗଭିରତାକୁ ବୁଝି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିବାର ଦାୟିତ୍ୱକୁ ଉତମ ଭାବେ ତୁଲାନ୍ତୁ। ଅଲ୍ଲାଃ ସମସ୍ତ ନିରୀହ ଓ ଅସହାୟ ଲୋକମାନଙ୍କୁ ସୁରକ୍ଷିତ ରଖନ୍ତୁ। ବିଶ୍ୱରେ ପ୍ରକୃତ ଓ ଚିରସ୍ଥାୟୀ ଶାନ୍ତି ପ୍ରତିଷ୍ଠା ହେଉ। ପ୍ରଭୁ କରନ୍ତୁ କି ଆମ ଦେଶ ତଥା ବିଶ୍ୱ ଶାନ୍ତିମୟ ହେଉ। ॥ ଆମିନ୍ ॥

**ମୌଲାନା ଫଜଲ ହକ ଖାଁ,** ଭୁବନେଶ୍ୱର,
ଯୋଗାଯୋଗ: ୯୬୯୨୨୨୫୦୫୭

# ଗୁଜରାଟ ମଡେଲ ବନାମ ଦିଲ୍ଲି ମଡେଲ

**ଜା**ତୀୟ ରାଜନୀତିରେ ଉତରପ୍ରଦେଶ ସହ ପାଂଚଟି ରାଜ୍ୟରେ ବିଜେପିର ନିର୍ବାଚନ ବିଜୟ ନେଇ ଯେତିକି ହଇଚଇ ସୃଷ୍ଟି ହେବା କଥା, ତା'ଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଲା, ପଞ୍ଜାବରେ ଆମ ଆଦିମ ପାର୍ଟିର ବିଜୟ ଏବଂ କଂଗ୍ରେସର ସହଜ ପରାଜୟ। ଦିଲ୍ଲି ପରେ ପଞ୍ଜାବ। ଆଉ ପଞ୍ଜାବ ବିଜୟ ପରେ ଆପର ଘୋଷଣା, ଏବେ ସେମାନଙ୍କର ପ୍ରଧାନ ଲକ୍ଷ୍ୟ ହେବ ଜାତୀୟ ରାଜନୀତିରେ କଂଗ୍ରେସର ବିକଳ୍ପ ଏବଂ ବିଜେପିର ପ୍ରଧାନ ପ୍ରତିଦ୍ୱନ୍ଦୀ। ଭାରତ ଦଖଲ ପାଇଁ ସମୟ ସହିତ ତାଳ ଦେଇ କେଜ୍ରିୱାଲ ଯେପରି ଭାବେ ନିଜକୁ ବଦଳାଇଛନ୍ତି, ସେଥିରେ କଂଗ୍ରେସକୁ ନେଇ ଜାତୀୟ ସ୍ତରରେ ଏକ ମେଂଟ ଗଠନର ସ୍ୱପ୍ନ କେବଳ ସ୍ୱପ୍ନରେ ହିଁ ରହିଯିବ।

ଗୋଟାଏ କଥା ମନେରଖିବାକୁ ହେବ ଅରବିନ୍ଦ କେଜ୍ରିୱାଲଙ୍କ ଉତ୍‌ଥାନ ହୋଇଥିଲା, ଉଭୟେ କଂଗ୍ରେସ ଓ ବିଜେପିକୁ ଦୁର୍ନୀତିଗ୍ରସ୍ତ ବୋଲି ଆକ୍ଷେପ କରି। ତାଙ୍କର ସ୍ଲୋଗାନ ଥିଲା, 'କଂଗ୍ରେସ-ବିଜେପି ଧୋକା ହେ, ଦେଶ ବଚାଓ, ମଉକା ହେ'। ଅନ୍ନା ହଜାରେଙ୍କୁ ସାମନାରେ ରଖି ଯେଉଁ ଦୁର୍ନୀତି ବିରୋଧୀ ଆନ୍ଦୋଳନ ଆରମ୍ଭ ହୋଇଥିଲା, ତାହା ମନମୋହନ ସିଂଙ୍କ ନେତୃତ୍ୱରେ ଚାଲୁଥିବା ମେଂଟ ସରକାରର ପତନର କାରଣ ହୋଇଥିଲା।



କିନ୍ତୁ ୨୦୧୪ ସାଧାରଣ ନିର୍ବାଚନରେ, ଏଇ ଆନ୍ଦୋଳନରୁ ଫାଇଦା ନେଇଥିଲା ଭାରତୀୟ ଜନତା ପାର୍ଟି। ତା' ପୂର୍ବରୁ ଅବଶ୍ୟ କେଜ୍ରିୱାଲ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ହୋଇସାରିଥିଲେ। ତାଙ୍କୁ 'ଜନଲୋକପାଳ' ବିଲ ପାସ କରିବାକୁ ଦିଆଯାଉନାହିଁ ବୋଲି ଅଭିଯୋଗ କରି ସେ ଇସ୍ତଫା ଦେଲେ। ଏହାପରେ ୨୦୧୫ ଓ ୨୦୨୦ ନିର୍ବାଚନରେ ବିପୁଳ ବିଜୟ ହାସଲ କଲେ। କିନ୍ତୁ ଦିଲ୍ଲିରେ ଏଯାବତ ଲୋକପାଳ ପ୍ରତିଷ୍ଠା ହୋଇପାରିନାହିଁ। ଜନସାଧାରଣ ମଧ୍ୟ ଏ ନେଇ ଆଉ ପାଟିତୁଣ୍ଡ କରୁନାହାନ୍ତି। କେଜ୍ରିୱାଲ ମଧ୍ୟ ଧାରଣା ଦେଉନାହାନ୍ତି। ଦୁର୍ନୀତି ବିରୋଧୀ ଆନ୍ଦୋଳନ ଅପେକ୍ଷା ସେ ଏବେ ସୁଶାସନକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ବିନା ଦେୟରେ ବିଜୁଳି ଓ ପାଣି ଲୋକଙ୍କୁ ଦିଆଯାଉଛି। ଉନ୍ନତମାନର ସ୍କୁଲ ଓ ପ୍ରାଥମିକ ସ୍ୱାସ୍ଥ୍ୟ ବ୍ୟବସ୍ଥା କେଜ୍ରିୱାଲ ସରକାର ଦିଲ୍ଲିରେ କରିପାରିଛନ୍ତି। ଖାଲି ସେତିକି ନୁହେଁ, ଗରିବ ଲୋକଙ୍କ ପାଇଁ ବିଭିନ୍ନ ସରକାରୀ ଅର୍ଥ ଦେବାର ବ୍ୟବସ୍ଥା କରିଛନ୍ତି।

ଅରବିନ୍ଦ କେଜ୍ରିୱାଲ ଭଲଭାବେ ଜାଣନ୍ତି, କେବଳ ସୁଶାସନ ନିର୍ବାଚନ ବୈତରଣୀ ପାର କରାଇବାକୁ ସକ୍ଷମ ନୁହେଁ। ଏକଥାର ପ୍ରମାଣ ମିଳିଛି ଲୋକସଭା ନିର୍ବାଚନରେ। ବିଧାନସଭାରେ ଆପକୁ ଅଧିକ ଭୋଟ ମିଳିଥିଲେ ବି ଲୋକସଭା ନିର୍ବାଚନରେ ଦିଲ୍ଲିରେ ବିଜେପି ଅଧିକ ଭୋଟ ପାଇଥିଲା। ଏଣୁ ସେ ପୂରାପୂରି ମୋଦି ବିରୋଧୀ ହେବାକୁ ଚାହାନ୍ତି ନାହିଁ।

କେଜ୍ରିୱାଲ ଏକ ମଝିଆମଝି ଭୂମିକାରେ ରହିବାକୁ ଚାହାନ୍ତି। ବିଜେପିର ଉଗ୍ର ହିନ୍ଦୁତ୍ୱ ନୁହେଁ କି କଂଗ୍ରେସର ସଂଖ୍ୟାଲଘୁ ତୋଷଣ ନୁହେଁ। ତାଙ୍କର ମୁଖ୍ୟ ଭୂମିକା ହେଲା, ଉନ୍ନୟନବାଦୀ ହିନ୍ଦୁତ୍ୱ ବା ଉଦାରବାଦୀ ହିନ୍ଦୁତ୍ୱ। ପ୍ରକାଶ୍ୟରେ ସେ ମନ୍ଦିର ଯାଇ ଲୋକଙ୍କୁ ବାର୍ତ୍ତା ଦେବାକୁ ଚାହାନ୍ତି, ଧର୍ମନିରପେକ୍ଷତାର ଡିଣ୍ଡିମ ପିଟନ୍ତି। ସାଧାରଣ ଲୋକଙ୍କ ଦୁଇଟି ବଡ ସମସ୍ୟା ହେଲା ଶିକ୍ଷା ଓ ସ୍ୱାସ୍ଥ୍ୟ। ଏ ଦୁଇଟି ପ୍ରତି ସେ ବେଶ୍ ସଚେତନ। ଦିଲ୍ଲିରେ ସେ ଯେମିତି ଆମ୍ବେଦକରଙ୍କୁ ଗୁରୁତ୍ୱ ଦେଇଛନ୍ତି, ଦିଲ୍ଲି ଷ୍ଟାଡିୟମରେ ରାମ ପୂଜାର ଆୟୋଜନ ମଧ୍ୟ କରିଛନ୍ତି।

ପଞ୍ଜାବରେ ଭୋଟ ପ୍ରଚାର ସମୟରେ ସେ ଚାଷୀ ଆନ୍ଦୋଳନକାରୀଙ୍କ ପାଖକୁ ଯାଇଥିଲେ। ସେଠାରେ ଚାଷୀନେତାମାନେ ତାଙ୍କୁ କାଶ୍ମୀରରୁ ୩୭୦ ଧାରାର ଉଚ୍ଛେଦ ସମ୍ପର୍କରେ ପଚାରିଲେ। ତାଙ୍କ ଉତର ଥିଲା, ଏହାସହିତ ଚାଷୀ ଆନ୍ଦୋଳନର କୌଣସି ସମ୍ପର୍କ ନାହିଁ। ଏଥିରୁ ସ୍ପଷ୍ଟ ହୋଇଗଲା ସେ ୩୭୦ ଧାରା ଉଚ୍ଛେଦକୁ ସମର୍ଥନ କରୁଛନ୍ତି।

ପୂର୍ବରୁ ସେ ନିଜକୁ ହିନ୍ଦୁ ଉଦାରମନସ୍କ ଭାବେ ନିଜର ପରିଚୟ ଦେଇଚନ୍ତି। କଂଗ୍ରେସ ଭଳି ଧର୍ମନିରପେକ୍ଷତା ନାମରେ ସଂଖ୍ୟାଲଘୁ ତୋଷଣରେ ମନ ଦେଇନାହାନ୍ତି।

ଦିଲ୍ଲି ଭଳି ପଞ୍ଜାବରେ ନିଜକୁ ପ୍ରତିଷ୍ଠିତ କରିବାକୁ ହେଲେ ସୁଶାସନ ଦେବାକୁ ହେବ। ଫରକ ହେଉଛି, ଦିଲ୍ଲି ହେଉଛି ସହରକୈନ୍ଦ୍ରିକ ଆଉ ପଞ୍ଜାବ ହେଉଛି ଉଭୟେ ସହର ଓ ଗାଁ କୈନ୍ଦ୍ରିକ। ଉଗ୍ର ହିନ୍ଦୁତ୍ୱବାଦ ଯୋଗୁ ଜନସଂଘ ଅମଳରୁ ପଞ୍ଜାବରେ ବିଜେପି ଗ୍ରହଣୀୟ ହୋଇପାରିନାହିଁ। ତେଣୁ କଂଗ୍ରେସଠାରୁ ମୁହଁ ଫେରେଇନେବା ପରେ ପଞ୍ଜାବବାସୀ କେଜ୍ରିୱାଲଙ୍କ ଉପରେ ଭରସା କରିଛନ୍ତି। କାରଣ ପୂର୍ବରୁ ଅକାଳି ଦଳ ଉପରୁ ସେମାନଙ୍କର ଭରସା ତୁଟିଯାଇଛି।

ପଞ୍ଜାବ ପରେ ଗୁଜରାଟ ହେଉଛି ପରବର୍ତୀ ଟାର୍ଗେଟ। ପଞ୍ଜାବରେ ଆପ କଣ କରୁଛି ତାର ପ୍ରଭାବ ଗୁଜରାଟ ଉପରେ ପଡିବ। ସେଇ ଆଶଙ୍କା କରି ଉତରପ୍ରଦେଶରେ ବିଜୟ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁଜରାଟରେ ଏକ ବିରାଟ ରୋଡ ସୋର ଆୟୋଜନ କଲେ।

ନରେନ୍ଦ୍ର ମୋଦି ଗୁଜରାଟ ମଡେଲର ସ୍ୱପ୍ନ ଦେଖାଇ ଦିଲ୍ଲି ଅଧିକାର କରିଥିଲେ। କେଜ୍ରିୱାଲ ଦିଲ୍ଲି ମଡେଲର ସ୍ୱପ୍ନ ଦେଖାଇ ପଞ୍ଜାବ ଦଖଲ କଲେ ଆଉ ଗୁଜରାଟ ଉପରେ ଆଖି ରଖିଛନ୍ତି।

ମୋଦିଙ୍କ ଅସ୍ତ୍ରରେ ମୋଦିଙ୍କୁ ଚାଲେଞ୍ଜ କରିବାର କୌଶଳ ବୋଧହୁଏ ଏଇ ପ୍ରଥମ। ପଞ୍ଜାବରେ ଆପର ବିପୁଳ ବିଜୟ ତୃତୀୟ ମେଂଟର ସ୍ୱପ୍ନ ଦେଖୁଥିବା, କେ. ଚନ୍ଦ୍ରଶେଖର ରାଓ ଓ ମମତାଙ୍କୁ ଅଡୁଆରେ ପକାଇଦେବାକୁ ସକ୍ଷମ ହୋଇଛି ଆପ୍। କାରଣ ଆଉ କଂଗ୍ରେସ ତୃତୀୟ ମେଂଟର ନେତୃତ୍ୱ ନେବା ସ୍ଥିତିରେ ନାହିଁ।

**ସୁବାସ ଷଡଙ୍ଗୀ,** ଓଡ଼ିଶା ନ୍ୟୁଜ୍ ସର୍ଭିସ, ଭୁବନେଶ୍ୱର,
ମୋ-୯୪୩୯୬୫୨୩୨୨

# ଗଳ୍ପ ସଂକଳନ : ଶେଷ ପାସେଞ୍ଜର ଲୋକାର୍ପିତ

ବାଙ୍କୀ (ପିଏନ୍)- ବିଷୁବ ମିଳନ ଅବସରରେ ବାଙ୍କୀର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ 'ମାସିକ ସାହିତ୍ୟ ଆସର'ର ବାର୍ଷିକ ଉତ୍ସବ ବାଙ୍କୀ ପ୍ରେସ୍ କ୍ଲବ୍ ବିଦ୍ୟାରତ୍ନ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ଅନୁଷ୍ଠାନର ସଭାପତି ଇଂ ସତ୍ୟବ୍ରତ ରଥଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ଜ୍ଞାନେନ୍ଦ୍ର ମୋହନ ମିଶ୍ର ସଂପାଦକୀୟ ବିବରଣୀ ପାଠ କରିଥିଲେ। ସଭାର ପ୍ରଥମ ଅଧିବେଶନରେ କବିତା ପାଠ କରାଯାଇଥିଲା। ଏଥିରେ ପ୍ରାୟ ୨୪ ଜଣ କବି କବୟିତ୍ରୀ ସେମାନଙ୍କ ସ୍ୱରଚିତ କବିତା ପାଠ ଆବୃତ୍ତି କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ତଥା କବି ଭଗବାନ ସାମଲ ଓ ଡଃ ଚିତ୍ରସେନ ରାଉତ କବିତାପାଠରେ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅନୁଷ୍ଠାନର ସଭାପତି ଇଂ ସତ୍ୟବ୍ରତ ସଭାପତିଙ୍କ ପରିଚାଳନାରେ ମୁଖ୍ୟଅତିଥି ଭାବେ ଶ୍ରୀଯୁକ୍ତ ଭରତ ଚନ୍ଦ୍ର ବେହେରା ସ୍ୱତନ୍ତ୍ର ସଚିବ ସମବାୟ ବିଭାଗ ଓଡ଼ିଶା ସରକାର, ମୁଖ୍ୟବକ୍ତା ପଣ୍ଡିତ ଶ୍ରୀଯୁକ୍ତ ହରେକୃଷ୍ଣ ଦାଶ ବରିଷ୍ଠ ଆଇନ୍‌ଜିବୀ, ସମ୍ମାନୀତ ଅତିଥି ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ମିଶ୍ର ଅତିରିକ୍ତ ଜିଲ୍ଲାପାଳ କଟକ ଓ ଅନ୍ୟତମ ଅତିଥି ଶ୍ରୀଯୁକ୍ତ ସତ୍ୟନାରାୟଣ ପଣ୍ଡା, ତହସିଲଦାର ବାଙ୍କୀ ଯୋଗଦାନ କରିଥିଲେ। ସଭାର ପ୍ରାରମ୍ଭରେ ବାଙ୍କୀ ଅଧିଷ୍ଠାତ୍ରୀ ମା'ଚର୍ଚ୍ଚିକାଙ୍କ ଫଟୋରେ ଅତିଥିମାନେ ମାଲ୍ୟାର୍ପଣ ଓ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ଅନୁଷ୍ଠାନର କୋଷାଧ୍ୟକ୍ଷ ଶ୍ରୀଯୁକ୍ତ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ପ୍ରହରାଜଙ୍କୁ ତାଙ୍କ ସାହିତ୍ୟ କୃତି ଲାଗି ମୁଖ୍ୟ ଅତିଥି ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଗାଳ୍ପିକ ଶ୍ରୀ ଭଗବାନ ସାମଲଙ୍କ ଗଳ୍ପ ସଂକଳନ 'ଶେଷ ପାସେଞ୍ଜର୍' ମୁଖ୍ୟଅତିଥିଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିଲା। ସମ୍ମାନୀତ ଅତିଥି ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମିଶ୍ର ବାଙ୍କୀଳ କଳା, ସଂସ୍କୃତି ଓ ଐତିହ୍ୟ ଉପରେ ବିଶେଷ ଭାବେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ପଣ୍ଡିତ ଶ୍ରୀ ଦାଶ ବିଷୁବ ଦିବସର ତାତ୍ପର୍ଯ୍ୟ ଉପରେ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଙ୍କୀର ଉପନଗରପାଳ ଶ୍ରୀଯୁକ୍ତ ସନ୍ତୋଷ କୁମାର ରଣା, ସମାଜସେବୀ ତଥା କାଉନସିଲର 

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ PARYABEKHYAK

# ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୨, ଏପ୍ରିଲ ୨୩**

## ଜ୍ଞାନୀ–ଅଜ୍ଞାନୀ

ଜ୍ଞାନୀ ଅଜ୍ଞାନୀ ସମସ୍ତଙ୍କ ପାଇଁ ଦିନମାନ ଚବିଶ ଘଣ୍ଟା ଏକ ଦିନ ହୋଇ ବର୍ଷ ଭୋଗ ଚାଲିଛି। ଜ୍ଞାନୀ ବ୍ୟକ୍ତି କର୍ମଧାରା ସ୍ଥିର କରି ସେଥିରେ ଆଗେଇ ତହିଁରେ ତାର ସୁଫଳ ଭୋଗ କରନ୍ତି। ମାତ୍ର ଅଜ୍ଞାନୀ ବିଶୃଙ୍ଖଳିତ ଭାବରେ କେଉଁ କର୍ମ ଆଗ କେଉଁ କର୍ମ ପଛ କଣ କରିବା, କେତେବେଳେ କରିବା କେଉଁ ବୟସରେ କରିବା ଏ ନିର୍ଣ୍ଣୟ ନେଇ ନପାରି ଶେଷ କାଳ ହତାଶାରେ କଟାଏ। ସେ ତାର ସମସାମୟିକ ଜନ୍ମ ଉଦ୍ୟମୀ ଜ୍ଞାନୀଙ୍କୁ ଈର୍ଷା କରିଥାଏ। ଗୁରୁମାର୍ଗରେ ଯେକୌଣସି ବ୍ୟକ୍ତି ଗଲେ ସେ ଉଦ୍‌ଯୋଗ ପ୍ରତି ଆକୃଷ୍ଟ ହୋଇପାରନ୍ତି ଓ ଉଦ୍‌ଯୋଗୀ ହିଁ ଲକ୍ଷ୍ମୀ ଲାଭ କରିଥାନ୍ତି। ଗୁରୁମାର୍ଗରେ ଯେଉଁ 'ଗୁରୁ' କର୍ମ ପାଇଁ ଲାଗି ରହିଛନ୍ତି ସେ ନିଶ୍ଚେ ନିଜର ସମୟକୁ ତାଙ୍କ ଗୁରୁଙ୍କଠାରୁ ଦୀକ୍ଷା ଓ ଶକ୍ତିପାତ୍‌ରେ ଠିକ୍ ଭାବରେ ଲଗାଇ ଆସୁଥିଲେ। ଶିଷ୍ୟକୁ ଉପଯୁକ୍ତ ଦିଗ୍‌ଦର୍ଶନ ଦେଇପାରନ୍ତି, ମାତ୍ର ଉପଦେଷ୍ଟା ଗୁରୁ ସରଳ ମାର୍ଗରେ ଆୟ ଉପଭୋଗ ପାଇଁ କେବଳ ପ୍ରଚାରକ ରୂପ ନେଇ କାମ କରୁଥିଲେ ସମୟ ଆସେ ଗୁରୁ ନିଜେ ନିନ୍ଦନୀୟ ହୋଇଯାଆନ୍ତି ଓ ତାକୁ ଅନୁସରଣ କରିଥିବା ଶିଷ୍ୟ ବା ଛାତ୍ରଗଣଙ୍କର ସମୟ ନଷ୍ଟ ହୋଇଥାଏ।

ସବୁବେଳେ ତହୁଁବଡ଼ା ତହୁଁବଡ଼ା ସ୍ତର ଥିବା ବୋଧ ରହିଛି। ବିଦ୍ୟାଳୟରେ ଶିକ୍ଷକମାନେ କେମିତି ପାଠ ପଢ଼ାଉଛନ୍ତି ତାଙ୍କୁ ତଦାରଖ ପାଇଁ ବିଦ୍ୟାଳୟ ଶିକ୍ଷା ବିଭାଗର ପରିଦର୍ଶକ ପାହ୍ୟା ପାହ୍ୟା ଅଛନ୍ତି। ପୋଲିସ ବିଭାଗରେ ଚୌକିଦାରରୁ ଡ଼ିଜି ପର୍ଯ୍ୟନ୍ତ ଘଟଣା ଅନୁସନ୍ଧାନ ପାଇଁ ସ୍ତର ଅଛି। ସେନାରେ ଜଗୁଆଳୀ ସୈନିକ ଠାରୁ ସର୍ବୋଚ୍ଚ ସେନା ମୁଖ୍ୟ ଓ ଶେଷ ପଦବୀରେ ରାଷ୍ଟ୍ରପତି ଅଛନ୍ତି। ପୁଣି ଏକ ସଭା ଏକକ ଅଛି ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ସଦ୍‌ଭାବ ରକ୍ଷା ପାଇଁ ରାଷ୍ଟ୍ର ରକ୍ଷା ସହିତ ଅନ୍ୟ ରାଷ୍ଟ୍ର ସମ୍ପର୍କ ବନ୍ଧୁପୂର୍ଣ୍ଣ ପାଇଁ ପ୍ରତ୍ୟେକଙ୍କ କର୍ତ୍ତବ୍ୟ ମଧ୍ୟରେ ଗୁରୁ ଶିଷ୍ୟ ରାଜା ପ୍ରଜା ଜଡ଼ିତ ସବୁ ସମୟରେ ରହିବା ଆବଶ୍ୟକ ପଡୁଛି। ଜୀବନ ଆରମ୍ଭ ତୃଣଠାରୁ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ପ୍ରତି ଦେଶର ରାଷ୍ଟ୍ରର ସରକାର କାନୁନରେ ସମସ୍ତେ ବନ୍ଧା ରହିଛନ୍ତି। ସେମିତି ଧର୍ମ ପରମ୍ପରାରେ ତୃଣ ସୃଷ୍ଟି ଉପରେ ଶାସ୍ତ୍ର ନଜର ଉପଦେଶ ଜାହିର ରଖିଛନ୍ତି ଓ ମୃତ୍ୟୁପରେ ଦାହ ସଂସ୍କାର ପ୍ରତି ଶାସ୍ତ୍ରବାକ୍ ବଳଉର ରହିଛି ଏପରିକି ବ୍ୟକ୍ତିର ନାମକୁ ବହୁଦିନ ଉଚ୍ଚାରିତ ପ୍ରାୟ ତିନି ପିଢ଼ି ଯାଏ ଶ୍ରାଦ୍ଧ ମାର୍ଫତ ମନନ କରି ରଖାଯାଉଛି। ରାଜନୀତି ଚାଲିଛି ହେଲେ ତହିଁରେ ଆଶ୍ରା ଏକ ମତବାଦ ଏକ ସମ୍ବିଧାନର ଧାରା ଏକ ପରମ୍ପରା, ଏହା ମଧ୍ୟରେ ନେତା ତାକୁ ଗୁରୁଜ୍ଞାନ ମନେକରି ପ୍ରଜାଙ୍କ ଭଲକୁ ପ୍ରାଧାନ୍ୟ ଦେଇ ସଂହାର ନକରି ସଂସ୍କାର କରି ସମୟ ସହିତ ତାଳ ଦେଇ ପ୍ରଗତିକୁ ଆଗେଇ ନେବାକୁ ପଡ଼ିଥାଏ। ମାତ୍ର ଏଥିରେ ଜ୍ଞାନୀ ଓ ଅଜ୍ଞାନୀଙ୍କ ପଥ ଭରି ରହିଛି। ଏଥିପାଇଁ ସଭା ସମିତିର ସହମତି ନିଶ୍ଚେ ଆବଶ୍ୟକ ପଡ଼ିଥାଏ। ଈର୍ଷା ରହିଲେ ଜ୍ଞାନୀ ଟଳ ଟଳ ହୋଇଯିବେ। ତେବେ ଜ୍ଞାନୀର ଅହଙ୍କାର ନରହିଲେ ଜ୍ଞାନୀ ଅଟଳ ରହିପାରନ୍ତି। ନିଜ ପାଇଁ ରାଜନୀତି ଜ୍ଞାନରୁ ରୋଜଗାର ଧନ୍ଦା ନଥିଲେ ଲୋକେ ମୁଣ୍ଡେଇ ରଖିବେ, ନହେଲେ ବ୍ୟତିକ୍ରମ ବୋଧ କଲେ କଚାଡ଼ି ଦେବେ।

ବେଳକୁ ବେଳ ସମୟ ସଂସ୍କାରକୁ ଡାକି ଆଣେ ପ୍ରଗତିଶୀଳ ଚିନ୍ତାଧାରାରେ ମନୁଷ୍ୟ ସମୟ ସହିତ ତାଳ ଦେଇ ଚାଲିବାକୁ ବାଧ୍ୟ। କୃଷି କୃଷି ଚିତ୍କାରକୁ ଶିଳ୍ପ ସମ୍ବନ୍ଧ ହେବାକୁ ଲାଗିଲାଣି କାରଖାନାରେ ଯନ୍ତ୍ରପାତି ସ୍ଥିର ମାତ୍ର ଶିଳ୍ପ ସମ୍ବନ୍ଧ କୃଷି କ୍ଷେତ୍ରକୁ ଆସିବାରୁ ଚାଷ କ୍ଷେତ୍ର ବର୍ତ୍ତମାନ ଚଳ ଚଞ୍ଚଳ ଶିଳ୍ପ କ୍ଷେତ୍ର ହୋଇଗଲାଣି। ହଳୁଆ ଏବେ ଟ୍ରାକ୍ଟର ଚାଳକ, ଧାନକଟାଳୀ ଏବେ ମନୁଷ୍ୟ ନୁହେଁ ଏକ ମେସିନ ଧାନରୁଆ ମେସିନରେ, ହଳ କାଦୁଅ ଟ୍ରାକ୍ଟରରେ ପାଓ୍ୱାର ଟିଲରରେ ଚାଲିଲାଣି। ଖଳାକୁ ବେଙ୍ଗଳା ପାଇଁ ହଳା ଯାଉନାହିଁ ସେ ଧାନକ୍ଷେତ୍ରରେ ଅମଳ ହେଲାଣି। ଅତଏବ ଚାଷ କ୍ଷେତ୍ରରେ ଚଳ ଶିଳ୍ପ ଦେଖାଦେଲାଣି। ବଳଦାନକାରି ବୋଲି ତାଙ୍କୁ ବଳଦ କୁହାଯାଉଥିଲା। ଏବେ ଏମାନେ ଦୁର୍ଲ୍ଲଭ (ଏଚ୍.ପି) ଅଶ୍ୱଶକ୍ତିରେ ଯାନ ଯନ୍ତ୍ରର ତାକତ ମପାଯାଉଛି। ଏଥିରେ ଅଦୃଶ୍ୟ ଜୀବ ନାମରେ ଶକ୍ତି ଆହରଣ କ୍ଷେତ୍ରମାନଙ୍କରେ ଲାଗୁ ହେଲାଣି। ଜ୍ଞାନୀ ଏପରି ସ୍ଥିତିରେ ଏହି ପରମ୍ପରାକୁ ଆସିବାକୁ ବାଧ୍ୟ ହେଲେ ଅର୍ଥ ଏଥିରେ ଅନ୍ତରାୟ ନିଶ୍ଚେ ରହିବ। ବଳଦ ଘରର କୁଣ୍ଡା ତୋରାଣୀ ପରିତ୍ୟକ୍ତ ପରିବା, ଘାସ, କୁଟ ଭୋଜନରେ ଚାଷୀର ସହାୟକ ବଳଦକୁ ତାର ଗୋବର ମୂତ୍ର ଧାନ ବିଲର ଜୈବିକ ସାର ଥିଲା। ବଳଦ ପାଇଁ ଲୋକେ ଗାଈ ପୋଷୁଥିଲେ। ନିଜ ଘର ଗାଈର ଅଣ୍ଡିରା ବାଛୁରୀକୁ ବଳଦ ବନାଇ କେହି ନିଜ ଘରେ ଚାଷକୁ ରଖୁନଥିଲେ। ଏଥିରେ ଏକ ପଶୁ ମମତା ଥିଲା, ତାହା ଏ ସମୟକୁ ବିଲୁପ୍ତ। ଅନେକ ଖର୍ଚ୍ଚାନ୍ତ ହୋଇ ଚାଷଜମିକୁ ଏ ପରିସ୍ଥିତିରେ ଚାଷ କରିପାରୁନାହାଁନ୍ତି। ଅନେକ ଜମି ବିକ୍ରୟ କରିବାକୁ ବାଧ୍ୟ ହେଉଛନ୍ତି ସରକାର କାନୁନ ଚାଷ ଜମି, ଜଳଧାରକୁ ଗୃହ ନିର୍ମାଣ ଉପଯୋଗୀ ନକରିବାକୁ ନିର୍ଦ୍ଦେଶ ରଖିଥିଲେ ଏବେ ଚାଷଜମିକୁ କିସମ ବଦଳାଇବା ଧାରା ଜାହିର ବହୁ ଉପଧାରାରେ ଲାଗୁ ହୋଇଗଲାଣି। ଏହି ଗୋଳରେ କିଏ ଚାଷଜମିର ମାଲିକ ଜ୍ଞାନୀରେ ଯିବ କି ଅଜ୍ଞାନୀରେ ଯିବ ସିଦ୍ଧାନ୍ତ କରିବା ମୁସ୍କିଲ। ଶ୍ରମ ଓ ଧନ ବର୍ତ୍ତମାନର ସମସ୍ୟା ପଶୁବଳ ଶୂନ୍ୟ ମାନବ ଶ୍ରମିକ ବହୁମୂଲ୍ୟ ପୁଣି ନିଜ ଘରର ଲୋକେ କ୍ଷେତରେ ଖଟିବାକୁ ନାରାଜ, ଯନ୍ତ୍ରବଳ ପାଇଁ, ସାର ବିହନ ପୋକମରା ଔଷଧ, ଶସ୍ୟ ଲୁଣ୍ଠନକାରୀ, ମାଙ୍କଡ଼, ଷଣ୍ଡ, ହାତୀ ଜଙ୍ଗଲି ଅନ୍ୟ ପଶୁ କୃଷକ ପାଇଁ ମହାସମସ୍ୟାକୁ ଫସଲ ବିକ୍ରୟକୁ ଆହୁରି ସମସ୍ୟା ଦେଖନ୍ତୁ ବା ଭାବନ୍ତୁ ଚାଷୀ କୋଶଳା ଶାଗ ତାର କ୍ଷେତରେ ଯନ୍ତ୍ର ବର୍ଦ୍ଧିତ ଚାଷ କରିବ ତାର ଉପଯୁକ୍ତ ରକ୍ଷଣାବେକ୍ଷଣା କରିବ ସମୟ ହେଲେ ଶାଗକୁ ଉପାଡ଼ି ଧୋଇ ବିଡ଼ା ବାନ୍ଧିବ ତାକୁ ବହନ କରି ବିକ୍ରୟ ସ୍ଥଳକୁ ନେବ ସେଠାରେ ମଧ୍ୟ ସତ୍ତ୍ୱାଧିକାରୀ ଦଲାଲକୁ ହସ୍ତାନ୍ତରକୁ ବାଧ୍ୟ ଉପରେ ସେ ଯାହା ପାଇବ ତାକୁ ସେ ଗ୍ରହଣ ନକଲେ ଶାଗ ସେଠାରେ ସେ ବିକ୍ରୟ ପାଇଁ ବସି ପାରିବ ନାହିଁ ବସିଲେ ଦିନକର ମୂଲ ଯାହା ଶାଗଚାଷ ଓ ଶାଗ ବିକ୍ରୟରୁ ତାହା ମିଳିବ ନାହିଁ। ଏପରି ସ୍ଥଳେ ଏହି ଶାଗଚାଷୀ ଜ୍ଞାନୀ ନା ଅଜ୍ଞାନୀ ଥରେ ବିଚାର କରନ୍ତୁ ତ! ପରିଶ୍ରମର ମଜୁରୀ ଚାଷରେ ମିଳୁନାହିଁ। ଲୋକେ ଘରଭଡ଼ାରେ ସହରରେ ଚଳିଯାଉଛନ୍ତି ଅଥଚ ସରକାର ଏମିତି କାନୁନ କରୁନାହାଁନ୍ତି ସହରିବାସୀ ବାବୁଙ୍କ ଚାଷଜମି ଅନ୍ୟକୁ ଏମିତି ଶ୍ରମଜୀବୀଙ୍କୁ ଭଡ଼ା ଦେଇ ରୋଜଗାର ଧନ୍ଦା ଚାଲୁ ରହିପାରନ୍ତା। ଆନ୍ଧ୍ରରୁ ଅନ୍ୟ ରାଜ୍ୟରୁ ଫଳ ଲଙ୍କା ପରିବା ଆସୁଛି ଏମିତି କଣ ଆମ ରାଜ୍ୟରେ ଏକ ଜମିରେ ବହୁ ଫସଲ ହୋଇପାରନ୍ତା ନାହିଁ। ସମୟ ଅନୁସାରେ ଜ୍ଞାନୀ ସରକାର ହୁଅନ୍ତୁ ଜମି ମାଲିକ ହୁଅନ୍ତୁ, ଶ୍ରମଜୀବୀ ହୁଅନ୍ତୁ, ପୁଣି ରକ୍ଷକମାନେ ହୁଅନ୍ତୁ। ନହେଲେ ଆଳସ୍ୟ ଆହୁରି ଅଜ୍ଞାନଧର୍ମୀ ବଢ଼ାଇ ଚାଲିବ।

**ଉତ୍କଳାନନ୍ଦ ଅଜୟ କୁମାର ବେହେରା,** ସମ୍ପାଦକ 'ନିୟତି'
ଅରୁଣୋଦୟ ନଗର, କଟକ, ଦୂରଭାଷ : ୯୪୩୭୧୦୩୧୨୫୩

## ଆଜିର ଅନୁଚିନ୍ତା

*ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ କ'ଣ ହେବ? ପରପାରିର ପରୀକ୍ଷା ପ୍ରତି ସତର୍କ ହେବା ଆବଶ୍ୟକ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉତ୍‌ସୁକ। ଇ–ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ପଡ଼ୋଶୀ ରାଷ୍ଟ୍ରରେ ଆର୍ଥିକ ବିଶୃଙ୍ଖଳା

**ସୌମେନ୍ଦ୍ର ଜେନା**

ପୃଥିବୀରେ ଯୁଦ୍ଧର ଆଶଙ୍କା ଦିନକୁ ଦିନ ଘନଉଥିବା ସମୟରେ ଏସିଆର ଆର୍ଥିକ ଅସ୍ଥିରତା ଏବେ ବଡ ସଙ୍କଟ ସୃଷ୍ଟି କରିଛି। ଦକ୍ଷିଣ ଏସିଆର ଶ୍ରୀଲଙ୍କା, ପାକିସ୍ଥାନ ଆଦି ରାଷ୍ଟ୍ରରେ ଏହି ଆର୍ଥିକ ଅସ୍ଥିରତା ଏବେ ଦେଶର ଶାସନତନ୍ତ୍ରକୁ ଦୋହଲାଇ ଦେଇଛି। ଆଗାମୀ ଦିନମାନଙ୍କରେ ଏହା ଯେ ଚାପ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ। ପ୍ରଥମେ ପାକିସ୍ଥାନ କଥା ବିଚାର କରାଯାଉ। ଦେଶର ଆର୍ଥିକ ଅବ୍ୟବସ୍ଥା, ଦୋଦୁଲ୍ୟମାନ ବିଦେଶନୀତି, ଚୀନର ରଣଯନ୍ତାରେ ପଡିବାକୁ ସରକାରୀ ଆଗ୍ରହ, ପ୍ରକୃତ ସ୍ଥିତିକୁ ଅଣଦେଖା କରିବା ଯୋଗୁ ଜନସାଧାରଣରେ ଯେଉଁ ଅସନ୍ତୋଷ ସୃଷ୍ଟି ହେଲା ତା'ର ପରିଣତିରେ ପ୍ରଧାନମନ୍ତ୍ରୀ ଇମରାନ ଖାଁଙ୍କୁ କାର୍ଯ୍ୟକାଳ ଶେଷ ହେବାର ଦେଢବର୍ଷ ପୂର୍ବରୁ କ୍ଷମତାରୁ ଅପସରିତ ହେବାକୁ ପଡିଛି। ପାକ୍ ମୁଦ୍ରା ରୁପିୟାର ମୂଲ୍ୟ ହ୍ରାସ ପାଇ ୧ ଡଲାର ଏବେ ୧୮୧ ଟଙ୍କା ୩୫ ପଇସାରେ ପହଞ୍ଚିଗଲାଣି। ୨୦୨୧-୨୨ରେ ବିଦେଶୀ ଋଣ ଡିସେମ୍ବର ୨୦୨୧ ସୁଦ୍ଧା ୨୦ ପ୍ରତିଶତ ବୃଦ୍ଧିପାଇ ୨୧ ଟ୍ରିଲିଅନ ଟଙ୍କାରେ ପହଞ୍ଚିଥିଲା। ଷ୍ଟେଟବ୍ୟାଙ୍କ ଅଫ୍ ପାକିସ୍ଥାନର ଘୋଷଣା ଅନୁଯାୟୀ ୨୦୨୧-୨୨ ଆର୍ଥିକ ବର୍ଷର ପ୍ରଥମ ଛଅମାସରେ ମୋଟ ଋଣ (ସରକାରୀ) ୮ ପ୍ରତିଶତ ବୃଦ୍ଧିପାଇ ଡିସେମ୍ବର ୨୦୨୧ ସୁଦ୍ଧା ୫୧.୭୨୪ ଟ୍ରିଲିଅନ ଟଙ୍କାରେ ପହଞ୍ଚିଥିଲା, ଯାହା ଜୁନ ୨୦୨୧ରେ ୪୭.୯୩୦ ଟ୍ରିଲିଅନ ଟଙ୍କା ଥିଲା। ପାକ୍‌ର ବିଦେଶୀ ଋଣରେ ୧୪.୮୧୪ ଟ୍ରିଲିଅନ ଟଙ୍କା ସରକାରଙ୍କ ଋଣ ରହିଛି। ଏହାଛଡା ୪.୨୨୩ ଟ୍ରିଲିଅନ ଟଙ୍କାର ଅଣ ସରକାରୀ ଋଣ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠିର ୧.୧୮୮ ଟ୍ରିଲିଅନ ଟଙ୍କାର ଋଣ ରହିଛି। ଦୁଃସ୍ଥିତିରୁ ମୁକୁଳିବା ପାଇଁ ଜୁଲାଇ ୨୦୧୯ରେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର କାର୍ଯ୍ୟନିର୍ବାହୀ ମଣ୍ଡଳୀ ୬ ମିଲିଅନ ଡଲାର ଋଣ ପାକିସ୍ଥାନକୁ ଦେବାଲାଗି ସ୍ଥିର କରିଥିଲେ। ଆଫଗାନିସ୍ଥାନରେ ତାଲିବାନ ସରକାରକୁ କ୍ଷମତାରେ ବସାଇଥିବା ପାକ୍ ସରକାର ବହୁଚେଷ୍ଟା କରିବା ସତ୍ତ୍ୱେ ଆବଶ୍ୟକ ବିଦେଶୀ ପୁଞ୍ଜି ନିବେଶ ପାଇପାରିଲେ ନାହିଁ କିମ୍ବା ପାକ୍‌ର ଆଭ୍ୟନ୍ତରୀଣ ଅସ୍ଥିର ନୀତି ଯୋଗୁ ବିଦେଶୀ ନିବେଶକାରୀ ପାକିସ୍ଥାନରେ ପୁଞ୍ଜିନିବେଶ କରିବାକୁ ଚାହିଁଲେ ନାହିଁ। ଫଳରେ ପାକ୍‌ରେ ଉତ୍ପାଦନ ତୁଳନାରେ ଆମଦାନୀ ବଢିବାରେ ଲାଗିଛି, ତାହା ପୁଣି ୟୁରୋପରୁ। ୨୦୨୩ ସୁଦ୍ଧା ପାକିସ୍ଥାନର ବିଦେଶୀ ଋଣର ପରିମାଣ ପ୍ରାୟ ୧୧୮୫୦୦ ମିଲିଅନ ଆମେରିକୀୟ ଡଲାର ହେବ। ପାକ୍‌ର ସେଣ୍ଟ୍ରାଲ ବ୍ୟାଙ୍କ ଆକଳନ ଅନୁଯାୟୀ ଜୁଲାଇ ୨୦୨୧ରୁ ଜାନୁଆରୀ ୨୦୨୨ ମଧ୍ୟରେ ସର୍ବସାଧାରଣ ଋଣ ୯.୫ ପ୍ରତିଶତ ବଢିଛି, ଯାହା ପାକ୍ ମୁଦ୍ରାରେ ହିସାବ କଲେ ୪୨.୪ ଟ୍ରିଲିଅନ ହେବ। ଜୁନ୍ ୨୦୧୮ରେ ପ୍ରକାଶିତ ଏକ ଖବରକାଗଜର ଆକଳନ ଅନୁସାରେ ସେପ୍ଟେମ୍ବର ୨୦୨୧ ସୁଦ୍ଧା ପାକ୍‌ର ଋଣ ପରିମାଣ ଇମରାନଙ୍କ ସରକାର ସମୟରେ ୬୩ ପ୍ରତିଶତ ବଢିଥିଲା। ଦେଶ ଚଳାଇବାକୁ ଅର୍ଥ ନଥିବା କଥା ଗତ କିଛିମାସ ହେବ ବିଦାୟୀ ପ୍ରଧାନମନ୍ତ୍ରୀ ଇମରାନ ବାରମ୍ବାର କହିଆସୁଥିଲେ। କେବଳ ସୁଧ ପରିମାଣ ୭.୫ ଟ୍ରିଲିଅନ ଟଙ୍କା ପାକ୍‌କୁ ଦେବାକୁ ହେଉଛି। ବିଗତ ବର୍ଷକ ମଧ୍ୟରେ ଖାଦ୍ୟାନ୍ନରେ ୧୭ ପ୍ରତିଶତ ମୂଲ୍ୟବୃଦ୍ଧି ଘଟିଛି। ପଡୋଶୀ ରାଷ୍ଟ୍ର ଭାରତ, ଚୀନ ଏବଂ ବଙ୍ଗଳା ଦେଶ ତୁଳନାରେ ପାକିସ୍ଥାନର ବିଦ୍ୟୁତ କର ଦୁଇଗୁଣ ଅଧିକ।

୨୦୨୦-୨୧ ଆର୍ଥିକ ବର୍ଷର ବଜେଟରେ ଦେଶର ସାଧାରଣ ସ୍ୱାସ୍ଥ୍ୟ ପାଇଁ ମାତ୍ର ୧୫୧ ମିଲିଅନ ଡଲାର ଖର୍ଚ୍ଚ ପାଇଁ ରଖାଯାଇଥିବା ସ୍ଥଳେ ସେନାପାଇଁ ୭.୮୫ ବିଲିଅନ ଡଲାର ରଖାଯାଇଥିଲା। ବିଶ୍ୱବ୍ୟାଙ୍କର ପ୍ରକାଶିତ ବିବରଣୀ ଅନୁସାରେ ପୃଥିବୀରେ ସର୍ବାଧିକ ବିଦେଶୀ ଋଣ କରିଥିବା ୧୦ଟି ଦେଶ ଭିତରେ ପାକିସ୍ଥାନ ରହିଛି। ୨୦୨୧-୨୩ ମଧ୍ୟରେ ପାକ୍ ପାଇଁ ୫୧.୬ ବିଲିଅନ ଡଲାରର ବାହାର ଋଣ ଆବଶ୍ୟକ ବୋଲି ହିସାବ କରାଯାଇଥିଲା। ତନ୍ମଧ୍ୟରୁ ୨୦୨୧-୨୨ ପାଇଁ ୨୩.୬ ବିଲିଅନ ଡଲାର ଏବଂ ୨୦୨୨-୨୩ ପାଇଁ ୨୮ ବିଲିଅନ ଡଲାର ଆବଶ୍ୟକ। ଚଳିତ ବର୍ଷ ଦେଶର ବିକାଶ ହାର ୪.୩ ପ୍ରତିଶତ ରହିବ ବୋଲି ବିଶ୍ୱବ୍ୟାଙ୍କ କହିଛି, ଯାହା ଗତବର୍ଷ ତୁଳନାରେ ଏକ ପ୍ରତିଶତ କମ୍। ତେଣୁ ୨୦୨୩ରେ ଦେଶର ମୁଦ୍ରାସ୍ଫୀତି ଦୁଇ ଅଙ୍କରେ ପହଞ୍ଚିବ ବୋଲି କୁହାଯାଉଛି। କୋରୋନା ଯୋଗୁ ଏପ୍ରିଲ ୨୦୨୦ରୁ ୨୦୨୨ ମଧ୍ୟରେ ବିଦେଶକୁ ରପ୍ତାନି ୬୦ ପ୍ରତିଶତ ହ୍ରାସ ପାଇଛି, ଯାହା ବୈଦେଶିକ ମୁଦ୍ରା ଅର୍ଜନକୁ ସଙ୍କୁଚିତ କରିଛି। ପାକ୍‌କୁ ଚଳିତ ଏପ୍ରିଲ-ଜୁନ୍ ୨୦୨୨ ସମୟରେ ପ୍ରାୟ ୨.୫ ବିଲିଅନ୍ ଡଲାରର ସୁଧ ଦେବାକୁ ହେବ। ଗତ ଜୁଲାଇ ୨୦୨୧- ମାର୍ଚ୍ଚ ୨୦୨୨ ମଧ୍ୟରେ ୧୦ ବିଲିଅନ ଡଲାର ସୁଧ ପାକିସ୍ଥାନକୁ ଦେବାକୁ ହୋଇଛି। ୧ ଏପ୍ରିଲ ୨୦୨୨ ହିସାବ ଅନୁସାରେ ପାକ୍ ହାତରେ ୧୭.୪୭ ବିଲିଅନ ଡଲାରର ବିଦେଶୀ ମୁଦ୍ରା ଭଣ୍ଡାର ରହିଛି। ତନ୍ମଧ୍ୟରୁ ଷ୍ଟେଟବ୍ୟାଙ୍କ ଅଫ୍ ପାକିସ୍ଥାନ ହାତରେ ୧୧.୩ ବିଲିଅନ ଥିଲା ବେଳେ ବାଣିଜ୍ୟିକ ବ୍ୟାଙ୍କଗୁଡିକର ହାତରେ ୬.୧୫ ବିଲିଅନ ରହିଛି। ଆଗାମୀ ଦିନରେ ଋଣ ପରିଶୋଧ କରିବାକୁ ଥିବା ହେତୁ ଏହି ପରିମାଣ ହ୍ରାସ ପାଇବାର ସମ୍ଭାବନା ରହିଛି। ଏପରି ସ୍ଥିତିରେ ବର୍ତ୍ତମାନର ନୂତନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ୍ କିପରି ପରିସ୍ଥିତିକୁ ସମ୍ଭାଳିବେ, ତାହା କେବଳ ଦେଖିବାକୁ ବାକି ରହିଛି।

ଭାରତର ଅନ୍ୟତମ ପଡୋଶୀ ରାଷ୍ଟ୍ର ଶ୍ରୀଲଙ୍କାର ଆର୍ଥିକ ସ୍ଥିତି ସବୁଠୁ ଅଧିକ ଜଟିଳ ହୋଇଛି। ଋଣ ପରିଶୋଧ କରିବାକୁ ୫୧ ବିଲିଅନ ଡଲାର ନାହିଁ ବୋଲି କହି ସରକାର ଦେଶକୁ ଦେବାଳିଆ ଘୋଷଣା କରିସାରିଛନ୍ତି। ଏହାଦ୍ୱାରା ବିଦେଶୀ ପୁଞ୍ଜିଲଗାଣ ହ୍ରାସ ପାଇବା ସହ ଆନ୍ତର୍ଜାତିକ ସ୍ତରରେ ରାଷ୍ଟ୍ରର ଗୁରୁତ୍ୱ ମଧ୍ୟ କମିବ। କାରଣ ବିଦେଶୀ ମୁଦ୍ରାର ଅଭାବ ଯୋଗୁଁ ୨୨୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ଦ୍ୱୀପରାଷ୍ଟ୍ର ହାତରେ ଚାଉଳ, କ୍ଷୀର ଏବଂ ତୈଳ କିଣିବାକୁ ଅର୍ଥ ନାହିଁ। ବିଦେଶରୁ କୋଇଲା କ୍ରୟ ହୋଇପାରୁ ନ ଥିବା ହେତୁ ୧୩ ଘଣ୍ଟା ବିଦ୍ୟୁତ କାଟ ଦେଶରେ ଚାଲୁରହିଛି। ଚଳିତ ବର୍ଷ ୭ ବିଲିଅନ ଡଲାର ସୁଝିବାକୁ ଥିଲା ବେଳେ ଶ୍ରୀଲଙ୍କା ସରକାରଙ୍କ ହାତରେ ମାତ୍ର ୧.୬ ବିଲିଅନ ଡଲାର ରହିଛି। ତେଣୁ ୧୨ ଏପ୍ରିଲ ୨୦୨୨ରେ ସରକାର ଦେଶକୁ ଦେବାଳିଆ ଘୋଷଣା କରିଛନ୍ତି। ଗତ ୨୦ ବର୍ଷ ହେବ ଶ୍ରୀଲଙ୍କାର ସରକାର ବଣ୍ଡ ଜାରିକରି ଆନ୍ତର୍ଜାତିକ ବେସରକାରୀ ମୁଦ୍ରା ବଜାରରୁ ଅଧିକ ସୁଧ ହାରରେ ଏବଂ ଅଳ୍ପ ଦିନରେ ପରିଶୋଧ ପାଇଁ ଋଣ କରିବା ଯୋଗୁ ଏପରି ଖରାପ ସ୍ଥିତି ସୃଷ୍ଟି ହୋଇଛି। ଖାଦ୍ୟାନ୍ନ କ୍ଷେତ୍ରରେ ମୁଦ୍ରାସ୍ଫୀତି ୩୦ ପ୍ରତିଶତ ହୋଇଛି। ଦେଶର ମୋଟ ବୈଦେଶିକ ଋଣମଧ୍ୟରୁ କେବଳ ଚୀନର ଅଂଶ ୧୦ ପ୍ରତିଶତ ରହିଛି, ଭାରତର ଋଣ ମାତ୍ର ୩ ପ୍ରତିଶତ ରହିଛି। ଶ୍ରୀଲଙ୍କା ଭାରତର ନିକଟ ପଡୋଶୀ ରାଷ୍ଟ୍ର ହୋଇଥିଲେ ହେଁ ତାମିଲ ଦମନ ନୀତି ଯୋଗୁ ବିଗତ ବର୍ଷଗୁଡିକରେ ଚୀନ ଏବଂ ପାକିସ୍ଥାନର ବନ୍ଧୁରାଷ୍ଟ୍ର ଭାବେ ପରିଗଣିତ ହୋଇଆସିଛି। ଦେଶର ବି

# ସହରାଞ୍ଚଳ କୃଷିର ସ୍ୱତନ୍ତ୍ର ଅବଦାନ : ରୁଫ୍‌ଟପ୍ ଗାର୍ଡ଼େନିଙ୍ଗ

ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ସମୟର ସାରାଂଶରେ ଜନସଂଖ୍ୟା ଏବେ ହୁ ହୁ ହୋଇ ବଢୁଛି । ଚାଷଜମି ସବୁ ପଡ଼ିଆ ହୋଇ ପଡ଼ିରହୁଛି । ଆଉ ବାକିତକ କାରଖାନାର କଳେବରରେ ଚାପିହୋଇଗଲେଣି । ଯେଉଁ ଚାଷଜମି ସଭ୍ୟତାର ଆଦ୍ୟ ଓଁକାର ଥିଲା ଆଜି ତାହା ନିସ୍ୱ ପାଲଟିଯାଇଛି । ବିଜ୍ଞାନର ଚକ୍ରବୃଦ୍ଧି ହାର ସହ କୃଷି ବି ଏବେ ଅବହେଳିତ । ପରିବେଶ ଆଜି ଶ୍ରୀହୀନ । ଯାହା ଦିନେ ସବୁଜିମାର ଆବରଣ ତଳେ ବେଶ ସତେଜ ହେଇ ଝଲସି ଉଠୁଥିଲା ଆଜି ସେସବୁ ମୁକ ପାଲଟିଯାଇଛି । କିନ୍ତୁ ସହରୀକରଣ ମଧ୍ୟରେ ଏବେ ମୁଣ୍ଡଟେକି ଉଠିଛି

ରୁଫଟପ୍ ଗାର୍ଡ଼େନିଙ୍ଗ । ଯାହା ପୁଣିଥରେ ସବୁଜମୟ ହେବାର ପରିକଳ୍ପନା ନେଇ ଘରର ଛାତ ଉପରେ ଶୋଭା ପାଉଛି । ଘର ଛାତ ତ ଶ୍ୟାମଳର ରଙ୍ଗରେ ଭିଜିଯାଉଛି ତା ସହ ମନ ଓ ଶରୀର ଏକ ଅଫୁରନ୍ତ ଆନନ୍ଦରେ ଆନନ୍ଦିତ ବି ହେଉଛି । ରୁଫଟପ୍ ଗାର୍ଡ଼େନିଙ୍ଗ- ଘର ଉପରେ ଆକର୍ଷଣୀୟ ଝଲକ ତଥା ମନଲୋଭା ସୌନ୍ଦର୍ଯ୍ୟ ସହ ବେଶ ଜୀବନ୍ତ ଲାଗୁଛି ।

ସମ୍ପ୍ରତି ଭାରତବର୍ଷରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ସମସ୍ତଙ୍କ ପାଇଁ ଏକ ବିରାଟ ସମସ୍ୟା ସୃଷ୍ଟି କରିଛି । ଏପରିକି ଏହା ବିଶ୍ୱର ସମାଜିକ,ଅର୍ଥନୈତିକ ତଥା ପରିବେଶ ପାରିପାର୍ଶ୍ୱିକ ଅବସ୍ଥା ଉପରେ ମଧ୍ୟ ନାନାଦି ସମସ୍ୟା ଉପୁଜାଉଛି । ୧୯୯୬ ଜୁନ ମାସରେ ହୋଇଥିବା ଏକ ଅନ୍ତର୍ଜାତୀୟ କନଫେରେନ୍ସରେ ସହରାଂଚଳ କୃଷି ବା ଅର୍ବାନ ଏଗ୍ରିକଲଚର ମୁଖ୍ୟ ଏଜେଣ୍ଡା ଭବେ ସ୍ଥାନ ପାଇଥିଲା ।

ସହରାଂଚଳ କୃଷି କଣ ?

ସାଧାରଣତଃ ଗ୍ରାମାଂଚଳରେ କୃଷିକୁ ପ୍ରାଥମିକତା ଦିଆଯାଇଥାଏ । ପରନ୍ତୁ ଆଜିକାଲି ସହରରେ ମଧ୍ୟ କୃଷିର ଚାହିଦା ଢ଼େର ଅଧିକ । ସହରରେ କୃଷିର ଗୁରୁତ୍ୱକୁ ବଢ଼ାଇବା ପାଇଁ ଏବେ ସହରରେ ମଧ୍ୟ ବିଭିନ୍ନ ପ୍ରକାର ଉପାୟ ଆପଣାଇ କୃଷି କାର୍ଯ୍ୟ କରାଯାଉଛି । ଯେପରିକି ପାକଶାଳା ବଗିଚା , ରୁଫଟଫ ଗାର୍ଡ଼େନିଙ୍ଗ , ଭର୍ଟିକାଲ ଗାର୍ଡ଼େନିଙ୍ଗ ଇତ୍ୟାଦି । ସହର ମାନଙ୍କରେ କରାଯାଉଥିବାରୁ ଏହା ବିଶେଷ ଭାବରେ ପରିବେଶ ସନ୍ତୁଳନରେ ରକ୍ଷା କରିଥାଏ । ପ୍ରଥମତଃ ସହର ମାନଙ୍କରେ ସର୍ବାଧିକ ଅଦରକାରୀ ପଦାର୍ଥ , ବର୍ଜ୍ୟବସ୍ତୁ ତଥା ଜୈବିକ ବସ୍ତୁ ବାହାରିଥାଏ । ସହରାଂଚଳ କୃଷି ଏହିସବୁ ପଦାର୍ଥକୁ ଏକ ଭିନ୍ନ ପରିପାଟୀ ପ୍ରଦାନ କରି ନୂଆ ସମ୍ପଦ ସୃଷ୍ଟି କରିଥାଏ । ଯାହା ଫଳରେ ଜଳ ସଂରକ୍ଷଣ , ମୃତ୍ତିକା ସଂରକ୍ଷଣ ଠାରୁ ଆରମ୍ଭ କରି ଏହା ଏକ ସୁସ୍ଥ ଓ ସୁନ୍ଦର ପରିବେଶର ବାତାବରଣ ତିଆରି କରେ । ଏହା ମଣିଷକୁ ବଂଚିବାର ଏକ ନୂଆ ରାହା ଯୋଗାଉଛି କହିଲେ ବି ଅତ୍ୟୁକ୍ତି ହେବ ନାହିଁ ।

ରୁଫଟପ୍ ଗାର୍ଡ଼େନିଙ୍ଗ-

ଚାଷ ଜମିରେ ସବୁପ୍ରକାର ଫସଲ ଚାଷ କରାଯାଇଥାଏ । ଏକଥା ତ ସମସ୍ତଙ୍କୁ ଜଣା । କିନ୍ତୁ ଥରେ ଚିନ୍ତା କଲେ ଯଦି ସହରରେ ଘର କରି ରହୁଥିବେ , ଆଉ ଘର ଛାତ ଉପରେ ଭେଳିକି ଭେଳି ପନିପରିବା ଆଉ ଫୁଲଗଛ ଲାଗିଥିବ । ସଂନ୍ଧ୍ୟା ହେଲେ ମହମହ ପବନ ସହ ସେସବୁ ଖୁବ୍ ଆକର୍ଷଣୀୟ ଲାଗୁଥିବେ ,ଏହା ମନକୁ ଆନନ୍ଦିତ କରିବା ସହ ମାନସିକ ଶାନ୍ତି ପ୍ରଦାନ କରେ । ସେହି ପରିପ୍ରେକ୍ଷୀରେ ରୁଫଟପ୍‌ର ଆକ୍ଷରିକ ଅର୍ଥ ଛାତ ଉପର । ଅର୍ଥାତ ଏହା କୁହାଯାଇପାରେ ଘରର ଛାତ ଉପରେ ଜୈବିକ ଉପାୟରେ ବିଭିନ୍ନ ଫସଲ (ପନିପରିବା , ଫୁଲ , ଔଷଧୀୟ ଗଛ ଇତ୍ୟାଦି) ଚାଷ କରିବାର ପ୍ରଣାଳୀକୁ ରୁଫଟପ୍ ଗାର୍ଡ଼େନିଙ୍ଗ କୁହାଯାଏ ।

ରୁଫଟପ୍ ଗାର୍ଡ଼େନିଙ୍ଗ ସହରାଂଚଳ କୃଷିର ଏକ ସ୍ୱତନ୍ତ୍ର ଅବଦାନ । କହିବାକୁ ଗଲେ ଘରର ଛାତ ଉପରେ ଥିବା ଖାଲି ସ୍ଥାନ ସବୁବେଳେ ଅଦରକାରୀ ହୋଇ ପଡ଼ିରହିଥାଏ । ତେବେ ଏସବୁ ସ୍ଥାନକୁ ଯଦି କୌଣସି ଉପାୟରେ କର୍ମ ଉପଯୋଗୀ କରାଯାଇପାରନ୍ତା ତାହେଲେ ଏହା ସବୁଜମୟ ପରିବେଶ ସୃଷ୍ଟି କରିପାରିବ । ଘରର ଛାତ ଉପରେ ବଗିଚାଟିଏ ଉପଯୁକ୍ତ ସୂର୍ଯ୍ୟାଲୋକ ଓ ବର୍ଷା ପାଇପାରେ । ସବୁଠାରୁ ବଡ଼ କଥା ଏହା କି ରୁଫଟଫ ଗାର୍ଡ଼େନିଙ୍ଗ କରିବା ଦ୍ୱାରା ଯେଉଁ ଜଳ ନଷ୍ଟ ହୋଇ ଯାଉଥିଲା ତାହାକୁ ରୋକାଯାଇପାରିବ । ପରିବେଶକୁ ସୁରକ୍ଷିତ ରଖାଯାଇପାରିବ । ସୁତରାଂ ଏହା ଏକ ଅତ୍ୟାଧୁନିକ କୌଶଳ ଓ କମ ଖର୍ଚ୍ଚରେ ଆତ୍ମନିର୍ଭରଶୀଳ ହେବାର ଏକ ନୂତନ ସୋପାନ ।

ଉପକାରିତା -

-ଶତକଡ଼ା ୫୦ଭାଗ ଜଳକୁ ସଂରକ୍ଷିତ କରାଯାଇପାରିବ ଓ ଏହା ଗଛର ବଂଶବିସ୍ତାରରେ ସାହାଯ୍ୟ କରିଥାଏ ।

-ଘରର ଛାତକୁ ଯେକୌଣସି କ୍ଷତିକାରକ ରଶ୍ମି ଓ ଅତ୍ୟଧିକ ତାପମାତ୍ରା କବଳରୁ ରକ୍ଷା କରିଥାଏ ।

-ଖରା ଦିନେ ଛାତ ଥଣ୍ଡା ଓ ଶୀତ ଦିନେ ଉଷୁମ ରହିଥାଏ ।

-ପରିବେଶ ପ୍ରଦୂଷଣରୁ ମୁକ୍ତ ତଥା ପରିବେଶ ସନ୍ତୁଳନରେ ସାହାଯ୍ୟ କରେ ।

-ମାନସିକ ଶାନ୍ତି ତଥା ଏହା ଆକର୍ଷଣୀୟ ପରିପାଟୀରେ ଶୋଭା ପାଇଥାଏ ।

-ଘର ଛାତ ଉପରେ ଥିବାରୁ ଉତ୍ସ୍ୱେଦନ ପ୍ରକ୍ରିୟାରେ ଉତ୍ତାପ ହ୍ରାସ କରିଥାଏ ।

ରୁଫଟପ୍ ଗାର୍ଡ଼େନିଙ୍ଗର ଯୋଜନା ପ୍ରସ୍ତୁତ-

ତେବେ ଘରର ଛାତ ଉପରେ ଏପରି କରିବା ପୁର୍ବରୁ ଆମକୁ ଏକ ସମ୍ପୂର୍ଣ୍ଣ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ ।

-ପ୍ରଥମତଃ ରୁଫ ଗାର୍ଡ଼େନ କିପରି କରିବା ?

-କେଉଁ କେଉଁ ପନିପରିବା ତଥା ଫସଲ ଲଗେଇବାକୁ ଯୋଜନା କରିବା ।

- ମୃତ୍ତିକାର ସ୍ତର , ଡ୍ରେନେଜ ବ୍ୟବସ୍ଥା, ଜଳସେଚନର ସୁବିଧା - ଏସବୁ ଦିଗରେ ଧ୍ୟାନ ଦେବା ଆବଶ୍ୟକ ।

-ଫସଲ ଲଗେଇବା ପରଠୁ ଅମଳ ଫସଲ ଚୟନ ଏକ ପ୍ରମୁଖ ତଥା ଦରକାରୀ ସୋପାନ । ତେବେ କେଉଁ ସମୟରେ କେଉଁ ଫସଲ ଚାଷ କଲେ ଆମର ଉତ୍ପାଦନର ହାର ବୃଦ୍ଧି ପାଇବ ଓ କେଉଁ ପରିବେଶ ପାଇଁ କେଉଁ ଫସଲର ଚାହିଦା ବେଶୀ (ଋତୁ ଅନୁଯାୟୀ) ସେସବୁ ଉପରେ ଧ୍ୟାନ ଦେବାକୁ ପଡ଼ିବ । ଏହା ବ୍ୟତୀତ ପିଏଚ୍ ଏକ ମୁଖ୍ୟ ଦିଗନ୍ତ । ମାଟିର ପିଏଚ୍ ଅନୁସାରେ ଫସଲ ମଧ୍ୟ ଭିନ୍ନ ଭିନ୍ନ ଚାଷ କରାଯାଏ । ଏମିତିକି କିଛି ଫସଲର ଦେଶୀ କିସମ ମଧ୍ୟ ଚାଷ କରାଯାଇପାରେ । ତେବେ ଏସବୁକୁ ବିଭିନ୍ନ ଦିଗ(ରୁଫର ଡ଼ାଇମେନସନ୍ ,ମରୁଡ଼ି ସହନଶୀଳ ,ସଅଳ କିସମ)ପ୍ରତି ଧ୍ୟାନ ଦେଇ ଚାଷ କରାଯାଇଥାଏ । ଏହା ଆତ୍ମନିଯୁକ୍ତିକୁ ପ୍ରୋତ୍ସାହନ ଯୋଗାଇଥାଏ ।

ଖତସାର ପ୍ରୟୋଗ-

ବିଭିନ୍ନ ଫସଲ ମୃତ୍ତିକାର ପତଳା ସ୍ତର ଦେଇ ଭଲ ଭାବେ ବଢ଼ିପାରିଥାଏ । ତେବେ ରୁଫଟପ୍ ଗାର୍ଡ଼େନିଙ୍ଗରେ ଖତ ସାରର ପ୍ରୟୋଗ ଠିକ ଭାବେ ଆଉ ସଠିକ ସମୟରେ ପ୍ରୟୋଗ କରିବା ଦରକାର । ଯେମିତିକି କୌଣସି ସମୟରେ ପୋଷକ ତତ୍ତ୍ୱର ଅଭାବ ପରିଲକ୍ଷିତ ନହୁଏ । କାରଣ ଗଛ ପାଇଁ ନାଇଟ୍ରୋଜେନ , ଫସଫରସ , ପଟାସର ଏକ ମୁଖ୍ୟ ଭୂମିକା ନେଇଥାଏ । ତେବେ ଖତସାର ପ୍ରୟୋଗରେ ଅନିୟମିତତା ଦେଖାଦେଲେ ଠିକ ଭାବେ ଖଣିଜଲବଣ ମିଳିପାରିନଥାଏ । ଯାହା ଫଳରେ ଗଛ ଠିକ ଭାବେ ବଢ଼ିପାରିନଥାଏ । ଏହା ଯୋଗୁଁ ଚେର ଖାଦ୍ୟ ପାଇପାରେ ନାହିଁ । ଫଳରେ ଗଛଟି କମ୍ ଦିନରେ ମରିଯାଏ । ତେବେ ଏସବୁ ଠିକ ଭାବେ ଅମଳ ସହିତ ଗଛ ବି ସୁସ୍ଥ ରହିଥାଏ । ସୁତରାଂ

ରୁଫଟପ୍ ଗାର୍ଡ଼େନିଙ୍ଗରେ ଜୈବିକ ଉପାୟରେ କୀଟ ପରିଚାଳନା କରାଗଲେ ଏହା ଆମକୁ ରାସାୟନିକ କୀଟନାଶକର କୁପ୍ରଭାବରୁ ରକ୍ଷା କରିପାରିବ । ତେବେ ଏଥିପାଇଁ ମୁଖ୍ୟତଃ ହାଣ୍ଡିଖତ ଓ ପଂଚଗବ୍ୟକୁ ବ୍ୟବହାର କରାଯାଏ । ଏହା ବ୍ୟତୀତ ନିମ୍ବ ପିଡ଼ିଆ , ନିମତେଲକୁ ମଧ୍ୟ ବ୍ୟବହାର କରାଯାଏ ।

ରୁଫ୍‌ଟପ୍ ଗାର୍ଡ଼େନିଙ୍ଗ୍ ଗରେ ଜୈବିକ ଉପାୟରେ କୀଟ ଦମନ ପାଇଁ ଆମେ ଜୀବାମୃତ ଓ ନୀମାସ୍ତ୍ର କୁ ମଧ୍ୟ ବ୍ୟବହାର କରିପାରିବା ।

ଜୀବାମୃତ - ପ୍ରସ୍ତୁତି ପ୍ରଣାଳୀ- ୧୦୦୦ ଲିଟର ପାଣି, ୫୦ କିଗ୍ରା ଗୋବର, ୫୦ ଲିଟର ଗୋମୂତ୍ର, ୧୦-୧୨ କିଗ୍ରା ବେସନ, ୧୦-୧୨ କିଗ୍ରା ଗୁଡ, ଆଉ ଗଛ ମୂଳରୁ କିଛି ବାଲି (ଦୁଇ ହାତ) କିମ୍ବା (ଅନ୍ୟ ଯେକୌଣସି ପୁରୁଣା ଗଛର ମୂଳର ବାଲିକୁ ମଧ୍ୟ ବ୍ୟବହାର କରାଯାଇପାରେ) ।

ଏସବୁକୁ ଗୋଟିଏ ପାତ୍ରରେ ମିଶ୍ରଣକରି ଗୋଳାନ୍ତୁ ଓ ସୂର୍ଯ୍ୟାଲୋକଠାରୁ ଦୂରରେ ଅର୍ଥାତ ଛାଇ ଜାଗାରେ ରଖନ୍ତୁ । ୪ଦିନ ପର୍ଯ୍ୟନ୍ତ ପ୍ରତ୍ୟହଃ ୧୦ ମିନିଟ୍ ଲେଖା ଏ ମିଶ୍ରଣକୁ ଭଲଭାବେ ଘାଣ୍ଟିବା ଆବଶ୍ୟକ । ୧୦-୧୨ ଦିନ ପରେ ଏହା ବ୍ୟବହାର ଉପଯୋଗୀ ହୋଇଯାଏ । ଏହାପରେ ଆମେ ବଗିଚା କି ଚାଷ କ୍ଷେତରେ ବ୍ୟବହାର କରିପାରିବା ।

ନ୍ତ ଏହା ମାଟିର ଉର୍ବରତା ବଢାଇବା ସହ ମିତ୍ର ଜୀବାଣୁଙ୍କ ସଂଖ୍ୟା ବୃଦ୍ଧି କରେ ।

ନ୍ତ ଯେହେତୁ ୪-୫ ଦିନ ମଧ୍ୟରେ ଏହା ପ୍ରସ୍ତୁତ ହୋଇପାରେ, ତେଣୁ ଏହାକୁ ଅତି ସହଜରେ ଜମିରେ ବ୍ୟବହାର କରାଯଇପାରିବ ।

ନ୍ତଜୀବାମୃତର ବ୍ୟବହାର ମାଟିରେ ଜିଆର ସଂଖ୍ୟା ବୃଦ୍ଧି କରେ ଯାହା ମାଟିକୁ ହାଲୁକା କରିବା ସହ ଦଳଧାରଣା କ୍ଷମତା ବୃଦ୍ଧି କରେ ।

ନ୍ତ ଏହାକୁ ମଧ୍ୟ ଆମେ ସ୍ପ୍ରେ ଭାବେ ବ୍ୟବହାର କରିପାରିବା ।

ନୀମାସ୍ତ୍ର- ଜୈବିକ କୃଷି କ୍ଷେତ୍ରରେ ନୀମାସ୍ତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ରାସାୟନିକ କୀଟନାଶକ ପରିବର୍ତ୍ତେ ବ୍ୟବହାର କରାଯାଏ ।

ଆବଶ୍ୟକୀୟ ଉପାଦାନ -

ପାଣି-୧୦୦ ଲିଟର

ଗୋବର - ୫ କିଗ୍ରା

ଗୋମୂତ୍ର - ୫ ଲିଟର

ନିମ୍ବ ପତ୍ର - ୫ କିଗ୍ରା

ପ୍ରସ୍ତୁତି ପ୍ରଣାଳୀ - ୧୦୦ ଲିଟର ପାଣିରେ ୫ ଲିଟର ଗୋମୂତ୍ର ମିଶାଇଦିଅନ୍ତୁ । ଏହା ସହ ସେଥିରେ ୫କିଗ୍ରା ଗୋବରକୁ ବି ମିଶେଇଦିଅନ୍ତୁ । ପାଖରେ ଥିବା ୫କିଗ୍ରା ନିମ୍ବପତ୍ରକୁ ଗୁଣ୍ଡ କରନ୍ତୁ ଓ ଏହାକୁ ଉପରୋକ୍ତ ପାଣିରେ ମିଶାନ୍ତୁ । ଏହାକୁ ୨୪ ଘଣ୍ଟା ଯାଏଁ ରଖନ୍ତୁ । ଦିନକୁ ଦୁଇଥର ଲେଖାଏଁ ଘାଣ୍ଟନ୍ତୁ । ଶେଷରେ ଏହାକୁ ଛାଣି ବ୍ୟବହାର କରନ୍ତୁ ।

ରଖିବା ସ୍ଥାନ - ଏହି ଦ୍ରବଣକୁ ସବୁବେଳେ ସକାଳ ଓ ସନ୍ଧ୍ୟା ଦୁଇ ସମୟରେ ଘାଣ୍ଟିବା ଦରକାର । ଏହାକୁ ଏକ ଛାଇ ସ୍ଥାନରେ ରଖିବା ଆବଶ୍ୟକ । ମଶା , ମାଛି ନବସିବା ପାଇଁ ଏହାକୁ ଜାଲ ଦ୍ୱାରା ଘୋଡ଼ାଇଦିଆଯାଏ ।

ପ୍ରୟୋଗ ସମୟ - ସକାଳ ୬ଟାରୁ ୮.୩୦ ଓ ସନ୍ଧ୍ୟା ୪ଟାରୁ ୬.୩୦

ଜଳସେଚନ- ଯେହେତୁ ଏହା ଆମ ଘରର ଛାତ ଉପରେ କରାଯାଇଥାଏ , ତେଣୁ ଆମେ ଏହି ରୁଫଟପ୍ ଗାର୍ଡ଼େନିଙ୍ଗର ଉପଯୁକ୍ତ ଯତ୍ନ ନେଇପାରିବା । ଏହା ବ୍ୟତୀତ ଆମେ କେତେବେଳେ ଗଛ ପାଣି ଆବଶ୍ୟକ କରୁଛି ତାହା ମଧ୍ୟ ଲକ୍ଷ୍ୟ କରିପାରିବା । ସୁତରାଂ ଜଳସେଚନ ପାଇଁ ଆମେ ବୁନ୍ଦା ଜଳସେଚନ ପ୍ରଣାଳୀ ଆପଣେଇପାରିବା । ଯାହା ଦ୍ୱାରା ପାଣି କମ ଖର୍ଚ୍ଚ ହେବା ସହ ଗଛର ଚେର ଠିକ ଭାବେ ପାଣି ପାଇପାରିଥାଏ ।

କିପରି ଯତ୍ନ ନେବେ-

-ବାଲୁଙ୍ଗା ତଥା ଗଛ ଭିତରେ ଅଦରକାରୀ ଗୁଳ୍ମ ଦେଖିଲେ ଏହାକୁ ଉପାଡ଼ିଦେବା ଉଚିତ୍ ।

-ଡ୍ରେନେଜ ସ୍ଥାନକୁ ପରିଷ୍କାର ପରିଚ୍ଛନ ରଖିବା ଆବଶ୍ୟକ ।

- ଜୈବିକ ଖତକୁ ବ୍ୟବହାର କରିବା ।

-ଠିକ୍ ସମୟରେ ପାଣି ଦେବା ଆବଶ୍ୟକ ।

-ରୋଗ ପୋକ ପରିଚାଳନା ସଠିକ ସମୟରେ କରାଯିବା ଦରକାର ।

-ସ୍ଥାନ ଚୟନ ଠୁ ଆରମ୍ଭ କରି ଅମଳ ଯାଏଁ ଏକ ଉପଯୁକ୍ତ ତାଲିକା ବା ଖସଡ଼ା ପ୍ରସ୍ତୁତ କରି ତଦାରଖ କରିବା ଆବଶ୍ୟକ ।

# ଗାଁ ଚାଷ ଜମି ଭାରି ସୁନ୍ଦର , ଜୈବିକ କୃଷିର ଭାରି ଆଦର

ଆଲେଖ୍ୟ - ଡ଼ି ଶୁଭମ୍

ଚାଷ - ଏକ ବ୍ୟବସାୟ ନୁହେଁ ବରଂ ଏକ ସ୍ୱର୍ଗୀୟ ଅନୁଭବ । ଆଉ ପୁଣି ଧରିତ୍ରୀମାତା ସହ ଏକ ମାର୍ମିକ ସମ୍ପର୍କ । ରାତି ପାହିଲେ ହାତରେ ଲଙ୍ଗଳ , କାନ୍ଧରେ ଗାମୁଛା ଆଉ ପଖାଳ ମୁଠେ ଖାଇଦେଇ ଆରମ୍ଭ ହୋଇଯାଏ ଚାଷର ପର୍ବ । ସତରେ ଏକ ମହାର୍ଘ୍ୟ ଅନୁଭୂତିର ଅବଲୋକନ । ପାରମ୍ପରିକ କୃଷିକୁ ଛାଡ଼ି ଏବର ସମାଜରେ ଆଧୁନିକତାର ସ୍ପର୍ଶ ଗାଁ କ୍ଷେତରେ ବି ଦେଖାଗଲାଣି । ରାସାୟନିକ ସାରର ବହୁଳ ବ୍ୟବହାର ଏବେ ସବୁଆଡ଼େ ଆମ ଦୃଷ୍ଟିକୋଣରେ ପରିଲକ୍ଷିତ । କିନ୍ତୁ ଆମ ଅଜାଣତରେ ଆମେ ନିଜେ ନିଜର ଶରୀରର କେତେ ଯେ କ୍ଷତି କରୁଛନ୍ତି , ସେକଥା ଜାଣି ନାହାନ୍ତି । ତେଣୁ ଏହି ଆଧୁନିକତାକୁ ଦ୍ୱାହି ଦେଇ ଏବେ ଜୈବିକ କୃଷିର ବ୍ୟବହାରକୁ ପ୍ରାଥମିକତା ଦିଆଯାଉଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ବି ପରମ୍ପରାଗତ କୃଷି ବିକାଶ ଯୋଜନା ଦ୍ୱାରା ଜୈବିକ କୃଷିକୁ ଲୋକପ୍ରିୟ କରାଯାଇପାରୁଛି । ୨୦୨୨ ସୁଦ୍ଧା ଚାଷୀର ଆୟକୁ ଦୁଇଗୁଣ କରିବାର ଲକ୍ଷ୍ୟ ଜୈବିକ କୃଷି ଦ୍ୱାରା ପୂରଣ କରାଯାଇପାରିବ । କମ ଖର୍ଚ୍ଚ , ସ୍ୱଳ୍ପ ସମୟ ଓ ଅଧିକ ଆୟର ମାଧ୍ୟମ ଏହି ଜୈବିକ କୃଷି ।

ଆସନ୍ତୁ ନଜର ପକେଇବା କେତୋଟି ପ୍ରମୁଖ ଜୈବିକ କୃଷିର ଉପାଦାନ ଉପରେ

ପଂଚଗବ୍ୟ-

ଆବଶ୍ୟକ ସାମଗ୍ରୀ- ଗୋବର, ଗୋମୂତ୍ର, ଦୁଗ୍ଧ, ଦଧି, ଘିଅ, ଗୁଡ଼, ପଚିଲା କଦଳୀ, ନଡ଼ିଆପାଣି ଏବଂ ପାଣି ।

ପ୍ରଣାଳୀ :

୭ କି.ଗ୍ରା ଗୋବରରେ ୧ କି.ଗ୍ରା ଗାଈ ଘିଅକୁ ସକାଳ କିମ୍ବା ସନ୍ଧ୍ୟା ସମୟରେ ଭଲଭାବେ ମିଶାଯାଇ ତାହାକୁ ୩ ଦିନ ପର୍ଯ୍ୟନ୍ତ ରଖାଯାଏ । ରଖିବା ପାଇଁ ମାଟିପାତ୍ର କିମ୍ବା ଟିଣ ପାତ୍ର କିମ୍ବା ପ୍ଲାଷ୍ଟିକ ପାତ୍ର ମଧ୍ୟ ବ୍ୟବହାର କରାଯାଇ ପାରିବ । ୩ ଦିନ ପରେ ସେଥିରେ ୧୦ ଲିଟର ଗୋମୂତ୍ର ଓ ୧୦ ଲିଟର ପାଣି ମିଶାଇ ୧୫ ଦିନ ପର୍ଯ୍ୟନ୍ତ ରଖାଯାଇଥାଏ । ପ୍ରତିଦିନ ସକାଳେ ଏବଂ ସନ୍ଧ୍ୟାରେ ଏହାକୁ ଭଲଭାବରେ ଘାଣ୍ଟି ଦିଆଯାଏ । ୧୫ ଦିନ ପରେ ଏଥିରେ ଗୋ-ଦୁଗ୍ଧ ୩ ଲିଟର, ଦଧି ୩ ଲିଟର, ନଡ଼ିଆ ପାଣି ୩ ଲିଟର ଓ ଗୁଡ଼ ୩ କେ.ଜି. ଏବଂ ପଚିଲା କଦଳୀ ୧୨ଟି ଭଲଭାବରେ ମିଶାଯାଇ ୩୦ ଦିନ ପର୍ଯ୍ୟନ୍ତ ରଖାଯାଏ । ୩୦ ଦିନ ପର୍ଯ୍ୟନ୍ତ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଏହାକୁ ଭଲ ଭାବରେ ଘାଣ୍ଟି ଦିଆଯାଇଥାଏ । ପଞ୍ଚଗବ୍ୟ ପ୍ରସ୍ତୁତି ପାଇଁ କେବଳ ଗୋଜାତ ଦ୍ରବ୍ୟ ହିଁ ବ୍ୟବହୃତ ହୋଇଥାଏ। ଜର୍ସିଗାଈ ଅପେକ୍ଷା ଦେଶୀଗାଈର ଜାତ ପଦାର୍ଥ ବ୍ୟବହାର କରାଗଲେ ଅଧିକ ସୁଫଳ ମିଳିଥାଏ ।

ପ୍ରୟୋଗ ବିଧି :

ପଞ୍ଚଗବ୍ୟକୁ ଆମେ ସବୁ ଚାଷ ପାଇଁ ବ୍ୟବହାର କରିପାରିବା । ପ୍ରତ୍ୟେକ ଶସ୍ୟ ପାଇଁ ପ୍ରାୟ ୩% ଦ୍ରବଣ ହିସାବରେ ବ୍ୟବହାର କରାଯାଏ । ପ୍ରତି ୧୦୦ ଲିଟର ପାଣିରେ ୩ ଲିଟର ପଞ୍ଚଗବ୍ୟ ମିଶାଇଲେ ଆମେ ୩% ପଞ୍ଚଗବ୍ୟ ଦ୍ରବଣ ପାଇ ପାରିବା । ୧୦ ଲିଟର କ୍ଷମତା ବିଶିଷ୍ଟ ସିଂଚନ ଟାଙ୍କିରେ ୩୦୦ ମି.ଲି. ହିସାବରେ ମିଶାଇ ପ୍ରୟୋଗ କରାଯାଇଥାଏ । ପ୍ରତି ଏକର ଜମିରେ ୨୦୦ ଲିଟରରୁ ୨୫୦ ଲିଟର ୩% ପଞ୍ଚଗବ୍ୟ ଦ୍ରବଣ ସିଂଚନ କରାଯାଇଥାଏ । ପ୍ରତି ଶସ୍ୟରେ ଆମେ ୨୦-୨୫ ଦିନ ବ୍ୟବଧାନରେ ଆମେ ପଞ୍ଚଗବ୍ୟ ଦ୍ରବଣ ପ୍ରୟୋଗ କରିପାରିବା । ସିଞ୍ଚନ ଯନ୍ତ୍ରରେ କିଛି ଅସୁବିଧା ସମ୍ମୁଖୀନ ନ ହେବାକୁ ପଞ୍ଚଗବ୍ୟକୁ ପ୍ରଥମେ ସୂତାକପଡ଼ାରେ ଛାଣି ଦିଆଯାଏ ଓ ଖଦଡ଼ା ପଦାର୍ଥକୁ ସିଧାସଳଖ ଭାବେ ଜମିରେ ଖତଭାବେ ବ୍ୟବହାର କରାଯାଏ । ୩% ପଞ୍ଚଗବ୍ୟ ଦ୍ରବଣରେ ମଧ୍ୟ ବିହନ ବିଶୋଧନ କରାଯାଇ ପାରିବ । ବିହନ ବୁଣିବା ପୂର୍ବରୁ ବିହନକୁ ୩୦ ମିନିଟ ପର୍ଯ୍ୟନ୍ତ ୩% ପଞ୍ଚଗବ୍ୟ ଦ୍ରବଣରେ ଭିଜାଇ ରଖିଲେ ବହୁତ ସୁଫଳ ମିଳିଥାଏ ।

ଆଜୋଲା : ଆଜୋଲା ଏହିଭଳି ଏକ ଜଳଜାତୀୟ ଫର୍ଣ୍ଣ । ଏହା ମୁଖ୍ୟତଃ ଧାନ ଫସଲରେ ବ୍ୟବହୃତ ହୁଏ । ଆଜୋଲ, ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଆନବେନା ସହ ମିଶି ଏକ ପ୍ରମୁଖ ଜୈବିକ ସାରର ଭୂମିକା ନିଭାଇଥାଏ । ଆଜୋଲା ଧାନ ଚାରାର ଧାଡ଼ି ଧାଡ଼ିରେ ମଧ୍ୟ ବଢ଼ାଯାଇପାରେ ଏବଂ ଏହାପରେ ଏହାକୁ ନେଇ ପ୍ରୟୋଗ କରାଯାଏ । ବାୟୋମାସ୍ ଉତ୍ପାଦନ ପାଇଁ ଏହାକୁ ବ୍ୟବହାର କରାଯାଇଥାଏ । ଦ୍ରୁତ ନାଇଟ୍ରୋଜେନ୍ ଫିକ୍ସିଙ୍ଗ୍ ଭାବେ ମଧ୍ୟ ଆଜୋଲା ପିନଟା ବ୍ୟବହୃତ ହୁଏ । ଏତଦ୍‌ଭିନ୍ନ ଆଜୋସ୍ପିରିଲମ୍ ମଧ୍ୟ ବ୍ୟବହାର କରାଯାଏ । ଏହି ସବୁ ବର୍ତ୍ତମାନ ସମୟରେ ଏକ ଯୁଗାନ୍ତକାରୀ ପଦକ୍ଷେପ । କୃଷି କ୍ଷେତ୍ରରେ ଏହାର ଉପଯୋଗ ଉତ୍ପାଦନରେ ଶତଗୁଣ ବୃଦ୍ଧି କରିବା ସହ ହାନିକାରକ ହୋଇ ନଥାଏ ।

ଏହା ଏକପ୍ରକାର ଦଳ । ଏହାର ପତ୍ରଗୋଲରେ ନୀଳହରିତ ଶୈବାଳ ବାସ କରି ଯବକ୍ଷାରଜାନ ନିବନ୍ଧିତ କରେ । ଏହି ଦଳ ଖୁବ୍‌ଶୀଘ୍ର ବଂଶବିସ୍ତାର କରି ବଢିପାରେ । ଧାନ ରୋଇବା ପୂର୍ବରୁ ବା ବେଉଷଣ କରିବାର ୨/୩ ସପ୍ତାହ ଆଗରୁ ଜମିରେ ୪ଇଂଚ ଠିଆ ପାଣି ରଖି 

# ମୋ ଓଡ଼ିଶା

## ଆକଏନ ଓଡ଼ିଶା ଚାପ୍‌ଟରର ଚତୁର୍ଥ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ

କେନ୍ଦ୍ରାପଡା (ପିଏନ୍): ଆକଏନ ଓଡିଶା ଚାପଟର ୪ର୍ଥ ବାର୍ଷିକ ସମ୍ମିଳନୀ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦରପୁରସ୍ଥିତ ବି.ଆର. ରେସିଡେନସି ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଆସୋସିଏସନ ଅଫ୍ କମ୍ୟୁନିଟି ଅଫ୍ ଥର୍ମୋଲୋଜି ଅଫ୍ ଇଣ୍ଡିଆ(ଆକଏନ)ର ଜାତୀୟ ସଭାପତି ଲକେଶ ମଧେରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ କେନ୍ଦ୍ରାପଡା ବିଧାୟକ ଶଶୀଭୂଷଣ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ସାଧାରଣତଃ ଏଭଳି ସମ୍ମିଳନୀ କଟକ, ଭୁବନେଶ୍ୱର ଭଳି ସିଟିରେ ଅନୁଷ୍ଠିତ ହୋଇଥାଏ। କିନ୍ତୁ ଆକଏନ ଓଡିଶା ଚାପଟରର ଅଧିବେସନ କେନ୍ଦ୍ରାପଡା ଭଳି ଏକ ଛୋଟ ସହରରେ ଅନୁଷ୍ଠିତ ହେବା କେନ୍ଦ୍ରାପଡାବାସୀଙ୍କ ପାଇଁ ଅତ୍ୟନ୍ତ ଗୌରବର କଥା। ଏହି ସମ୍ମିଳନୀରେ ଭାରତବର୍ଷର ବହୁ ବିଶିଷ୍ଟ ଚକ୍ଷୁ ବିଶେଷଜ୍ଞ ଓ ଡାକ୍ତରମାନେ ଯୋଗଦେଇଛନ୍ତି। ଏହାର ଉଦେଶ୍ୟ ହେଉଛି ଗ୍ରାମାଞ୍ଚଳରେ ଥିବା ଚକ୍ଷୁରୋଗୀମାନଙ୍କୁ ଅତ୍ୟାବଶ୍ୟକ ଚକ୍ଷୁ ଚିକିତ୍ସା ସେବା ଯୋଗାଇଦେବା ସହ ସେମାନଙ୍କୁ ଏସମ୍ପର୍କରେ ସଚେତନ କରାଇବା। ପ୍ରଫେସର ଡା. ବିମଳକାନ୍ତ ତ୍ରିପାଠୀ ଏବଂ ତାଙ୍କ ସୁପୁତ୍ର ଡା. ସରୋଜ ତ୍ରାପାଠୀଙ୍କ ଉଦ୍ୟମରେ ଏଭଳି କାର୍ଯ୍ୟକ୍ରମ କେନ୍ଦ୍ରାପଡାରେ ସମ୍ଭବ ହୋଇପାରିଛି ବୋଲି ବିଧାୟକ ଶ୍ରୀ ବେହେରା କହିଥିଲେ। ସମ୍ମାନିତ ଅତିଥି ଭାବେ କୃଷି ବିଭାଗର ସ୍ୱତନ୍ତ୍ର ସଚିବ ସଞ୍ଜୀବ ଚଢା ଯୋଗଦେଇ କହିଥିଲେ ଯେ ଜଣେ ରୋଟାରିୟାନ ଭାବେ ସେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଅନୁଷ୍ଠିତ ବହୁ ଚକ୍ଷୁ ଚିକିତ୍ସା ଶିବିରରେ ଯୋଗଦେଇଛନ୍ତି। ଗ୍ରାମାଞ୍ଚଳର

ଗରୀବ ଅସହାୟ ଲୋକମାନଙ୍କ ପାଖରେ ପହଞ୍ଚି ସେମାନଙ୍କୁ ଚକ୍ଷୁ ଚିକିତ୍ସା ସେବା ଯୋଗାଇଦେବାକୁ ସମିତିର ଡାକ୍ତରମାନଙ୍କୁ ସେ ନିବେଦନ କରିଥିଲେ। ସ୍କ୍ରିନିଂ କମିଟି ଅଧ୍ୟକ୍ଷ ଡା. ବି.ଏନ.ଆର. ସୁବୁଦ୍ଧି ତାଙ୍କ ଭାଷଣରେ ରାଜ୍ୟର ଅପହଞ୍ଚ ଗ୍ରାମାଞ୍ଚଳରେ ପହଞ୍ଚି ଚକ୍ଷୁର ଯତ୍ନ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଇବାକୁ ସଂଗଠନ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଥିବା କହିଥିଲେ। ସଂଗଠନର ରାଜ୍ୟ ସଭାପତି ଡା. ଶରତ ଚନ୍ଦ୍ର ଦାସ ସମ୍ମିଳନୀରେ ଉପସ୍ଥିତ ଚକ୍ଷୁ ବିଭାଗର ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ଅପହଞ୍ଚ ଇଲାକାର ଗରିବ ଅସହାୟ ଲୋକମାନଙ୍କ ନିକଟରେ ପହଞ୍ଚି ସେମାନଙ୍କୁ ସେବା ଯୋଗାଇଦେବାକୁ ଜୀବନର ଲକ୍ଷ୍ୟ ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମିଳନୀର ମୁଖ୍ୟ ପୃଷ୍ଠପୋଷକ ଡା. ବିମଳକାନ୍ତ ତ୍ରିପାଠୀ ସମସ୍ତଙ୍କ ସହଯୋଗରେ ଆଜିର ସମ୍ମିଳନୀ ସଫଳ ହୋଇଥିବାରୁ କୃତଜ୍ଞତା ଜଣାଇଥିଲେ। ସାଂଗଠନିକ ସମ୍ପାଦକ ଡା. ସରୋଜ ତ୍ରିପାଠୀ କହିଥିଲେ ଯେ ଓଡିଶାର ସମସ୍ତ ଜିଲ୍ଲାର ଗ୍ରାମାଞ୍ଚଳକୁ ଯାଇ ସମାଜର ସର୍ବନିମ୍ନ ସ୍ତରରେ ଥିବା ଲୋକମାନଙ୍କୁ ଚକ୍ଷୁ ଚିକିତ୍ସା ସେବା ଯୋଗାଇଦେବାକୁ ଯୁବ ଡାକ୍ତରମାନଙ୍କୁ ଆହ୍ୱାନ ଦେଇଥିଲେ। ସାଧାରଣ ସମ୍ପାଦକ ସୋପନ ସାମନ୍ତ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ସଂଗଠନର ବରିଷ୍ଠ ଡାକ୍ତରମାନଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ, ମାନପତ୍ର ଓ ମୋମେଣ୍ଟୋ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀକୁ ଆସିଥିବା ଚକ୍ଷୁ ବିଶେଷଜ୍ଞ ଓ ଡାକ୍ତରମାନେ ଓସ୍ତପୁରସ୍ଥିତ ବସନ୍ତ କୁମାରୀ ଗ୍ରାମୀଣ ଚକ୍ଷୁ ଚିକିତ୍ସାଳୟକୁ ପରିଦର୍ଶନ କରିଥିଲେ। ଶେଷରେ ରାଜ୍ୟ ଚାପ୍ଟର ସମ୍ପାଦକ ଡା. ସନ୍ତୋଷ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସତ୍ୟବ୍ରତ ସିଂ, ସଞ୍ଜୟ କୁମାର ଜେନା, ଧିରେନ୍ଦ୍ର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଟ୍ରକ୍‌ରୁ ରଡ୍ ଚୋରି, ଜଣେ ଅଟକ

ଧର୍ମଶାଳା (ପିଏନ୍): କିଛିଦିନର ବ୍ୟବଧାନ ପରେ ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ରଖିଆ ଛକ ନିକଟରେ ପୁଣି ଲୁହାରଡ୍ ଚୋରା କାରବାର ଆରମ୍ଭ ହୋଇଛି । ଏହି ରାସ୍ତା ଦେଇ ବିଭିନ୍ନ ସ୍ଥାନକୁ ଟ୍ରକ୍‌ରେ ଲୁହାରଡ୍ ପରିବହନ ହୋଇଥାଏ । ସ୍ଥାନୀୟ ଅଞ୍ଚଳର କିଛି ମାଫିଆ କେତେକ ଅସାଧୁ ଡ୍ରାଇଭରଙ୍କୁ ହାତ କରି ଟ୍ରକ୍‌ରୁ ଲୁହାରଡ୍ ଖଲାସ କରିଥାନ୍ତି । ପରେ ଏହାକୁ ନିକଟସ୍ଥ ଅଞ୍ଚଳରେ ବିକ୍ରି କରି ବେଶ୍ ମୁନାଫା ପାଇଥାନ୍ତି । ଏଥିନେଇ ରଥିଆ ଅଞ୍ଚଳରେ ଏକ ବଡ ର୍ୟାକେଟ୍ କାମ କରୁଥିବା ଅଭିଯୋଗ ହୋଇଆସୁଛି । ପୂର୍ବରୁ ପୁଲିସ୍ ଏଠାରେ ବାରମ୍ବାର ଚଢ଼ଉ କରିଥିଲେ ମଧ୍ୟ ଏହି ଚୋରା କାରବାରକୁ ରୋକା ଯାଇପାରୁନାହିଁ । ନିକଟରେ ରଡ୍ ପାର୍‌ଉଡାର୍ ହେଉଥିବା ଖବର ପାଇ ପୁଲିସ୍ ଚଢ଼ଉ କରିଥିଲା । ଏହି ସମୟରେ କେତେକ ମାଫିଆ ଖସି ଯାଇଥିବା ବେଳେ ଜଣେ ଅଭିଯୁକ୍ତକୁ ପୁଲିସ୍ ଧରିବାରେ ସକ୍ଷମ ହୋଇଥିଲା । ଏଥିସହ ଘଟଣାସ୍ଥଳରୁ ପୁଲିସ୍ କିଛି ଲୁହାରଡ୍ ଜବତ କରିଥିବା ବେଳେ ଘଟଣାର ତଦନ୍ତ କରୁଛି । ଯାଜପୁର ଏସ୍‌ପି ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## କୃଷକ ଆନନ୍ଦ ମଲିକଙ୍କ ପରଲୋକ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ପାଟପୁର ଗ୍ରାମର କୃଷକ ଆନନ୍ଦ ମଲିକ(୭୨)ଙ୍କର ପରଲୋକ ହୋଇଯାଇଛି । କିଛିଦିନ ହେଲା ସେ ଅସୁସ୍ଥ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ସଂପର୍କୀୟ ନିରଂଜନ, ବୀରକିଶୋର, ସୁରେନ୍ଦ୍ର, ସ୍ୱର୍ଣ୍ଣଲତା, ଲତା, ବନିତା, ରେଣୁବାଳା, ସବିତା, ବଳରାମ, ସୁଶାନ୍ତ, ଦେବାଶିଷ, ଅଶୋକ, ମୁନାଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ । ସ୍ୱର୍ଗତଃ ମଲିକ ଜଣେ ଆଗୁଆ ଚାଷୀ ଓ ପରୋପକାରୀ ବ୍ୟକ୍ତି ଥିଲେ । ଖବର ପାଇ ସଂଗଠକ ଦୁଃଶାସନ ନାୟକ, ପୂର୍ବତନ ସରପଞ୍ଚ ନଗେନ୍ କୁମାର ଦାସ, ପଞ୍ଚାୟତ ବିଜେଡ଼ି ସଭାପତି ଅକ୍ଷୟ କୁମାର ସାହୁ, ଯୁବ ସଂଗଠକ ଆଲୋକ ଜେନାସାମନ୍ତ, ଅନୁବ୍ରତ ମିଶ୍ର, ରୋଟାରିଆନ୍ ପ୍ରଶାନ୍ତ କୁମାର ପୃଷ୍ଟି, ଶରତ ମିଶ୍ର, ସାଗର ମଲିକ, ଭାଗ୍ୟଧର ଦାସ, ପ୍ରଭାତ ପୃଷ୍ଟି, ସମାଜସେବୀ ନିରଂଜନ ମଲିକ ପ୍ରମୁଖ ବହୁବ୍ୟକ୍ତି ତାଙ୍କ ଶେଷଦର୍ଶନ କରିଥିଲେ । ପରେ ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସଂପନ୍ନ ହୋଇଥିଲା । ପୁଅ ଅରୁଣ ମୁଖାଗ୍ନି ଦେଇଥିଲେ ।

## ଭବାନୀପୁର ପଞ୍ଚାୟତ ମେଳଣ ଉଦ୍‌ଯାପିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଭୁବନ ଗ୍ରାମରେ ୨୧ତମ ଭବାନୀପୁର ପଞ୍ଚାୟତ ମେଳଣ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ସ୍ଥାନୀୟ ଅଞ୍ଚଳର ୧୧ଟି ବଡ଼ ଦୋଳବିମାନ ଓ ୧୭ଟି ଛୋଟ ବିମାନ ଯୋଗ ଦେଇଥିଲେ । ଭୁବନ ମଠ ବିମାନ ଥାନପତି ଆସନ ଅଳଙ୍କୃତ କରିଥିଲେ । ଗ୍ରାମର ଉଭୟ ପାର୍ଶ୍ୱରୁ ଠାକୁର ବାଡିଆମାନେ ନଦିଆ କିର୍ତ୍ତନର ତାଳେ ତାଳେ ବିମାନକୁ ଝୁଲେଇ ଝୁଲେଇ ନେଇ ମେଳଣ ପଡ଼ିଆରେ ପହଞ୍ଚାଇ ଥିଲେ । ବିମାନ ସମ୍ମୁଖରେ ନାଚଗୀତ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ବାଜାବାଣ, କିର୍ତ୍ତନ ଓ ରୋଷଣୀରେ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଥିଲା । ମେଳଣ ପଡ଼ିଆରେ ସମସ୍ତ ବିମାନ ସମବେତ ହେବା ପରେ ରାଧାକୃଷ୍ଣଙ୍କ ଯଥାବିଧି ପୂଜାର୍ଚ୍ଚନା, ଭୋଗଲାଗି ଓ ବିଦାକି କାର୍ଯ୍ୟକ୍ରମ ସଂପନ୍ନ ହୋଇଥିଲା । ମେଳଣରେ ୫ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା । ସରପଞ୍ଚ ଜ୍ୟୋତିର୍ମୟୀ ନାୟକ ଓ ସମିତିସଭ୍ୟା ସରୋଜିନୀ ମହାନ୍ତି ଅତିଥିଭାବେ ଯୋଗ ଦେଇଥିଲେ । ବିଜେଡ଼ି ନେତା ଶରତ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମେଳଣରେ ଉମାକାନ୍ତ ମୁଦୁଲି, ରିୟାଜୁଲ୍ ହକ୍, ପ୍ରାଣକୃଷ୍ଣ ବିଶ୍ୱାଳ, ଜଗନ୍ନାଥ ପାଢ଼ା, ଅକ୍ଷୟ ମହାନ୍ତି, ମୂରଲୀଧର ନାୟକ, ରାମଚନ୍ଦ୍ର ଭାରତୀ, ସୁରେଶ ସାମଲ, ଗୋପାଳ ନାୟକ, ଅଲେଖ ନାୟକ, ତପନ ବେହେରା, ସୁଶାନ୍ତ ନାୟକ ପ୍ରମୁଖ ସମସ୍ତ ସଭ୍ୟ ମେଳଣ ପରିଚାଳନା କରିଥିଲେ ।

## ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ କ୍ଷୁଦ୍ର ଓଡ଼ିଆ ଚଳଚ୍ଚିତ୍ର "ଫନି"ର ଶୁଭମୁକ୍ତି ଉତ୍ସବ

ଯାଜପୁର (ପିଏନ୍): ଯାଜପୁରର ଅଗ୍ରଣୀ ସାଂସ୍କୃତି ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ୱେଷଣ ଥିଏଟର ଗ୍ରୁପ ପକ୍ଷରୁ ଏକ କ୍ଷୁଦ୍ର ଚଳଚ୍ଚିତ୍ର ଫନିର ଶୁଭମୁକ୍ତି ଉତ୍ସବ ସ୍ଥାନୀୟ ଜିଲ୍ଲା ଗ୍ରାମ୍ୟଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ଆୟୋଜିତ ଉତ୍ସବରେ ସଂଗଠନର ମୁଖ୍ୟ ଉପଦେଷ୍ଟା ପଣ୍ଡିତ ଭୂପତିଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକ ଉଦ୍‌ଘାଟକଭାବେ ଯାଜପୁର ପୌରପାଳିକା ପୂର୍ବତନ ଅଧ୍ୟକ୍ଷ ଭବପ୍ରସାଦ ଦାସ, ବିଶିଷ୍ଟ ଅତିଥିଭାବେ ଯାଜପୁରର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା, ମୁଖ୍ୟ ବକ୍ତାଭାବେ ଯାଜପୁର ପୌରାପାଳିକାର ଉପାଧ୍ୟକ୍ଷ ସନ୍ତୋଷ କୁମାର ମଲ୍ଲିକ, ସମ୍ମାନିତ ଅତିଥିଭାବେ ଜିଲ୍ଲା ସଂସ୍କୃତି ଅଧିକାରୀ ଦୁର୍ଯ୍ୟୋଧନ ମଲ୍ଲିକ, ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ସଭାପତି ତଥା ଅନୁଷ୍ଠାନର ଉପଦେଷ୍ଟା ହରିହର ସ୍ୱାଇଁ, ବରୁଣେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ବଟକୃଷ୍ଣ ମହାପାତ୍ର, ଦଶରଥପୁର ବ୍ଲକର ପୂର୍ବତନ ଉପାଧ୍ୟକ୍ଷ ବିଷ୍ଣୁ ଚରଣ ମହାପାତ୍ର ପ୍ରମୁଖ ଯୋଗଦେଇଥିବା ବେଳେ ଅନୁଷ୍ଠାନର ସଭାପତି ବୃନ୍ଦାବନ ମିଶ୍ର, ସଂଗଠନ ପକ୍ଷରୁ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଓ ସମ୍ପାଦକ ଅଭିମନ୍ୟୁ ମିଶ୍ର କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ବିବରଣୀ ପାଠ କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ଭରତ ଚନ୍ଦ୍ର ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ଉପସଭାପତି ଉପେନ୍ଦ୍ରର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ନବ ନିର୍ବାଚିତ ପାରିଷଦ, ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସରପଂଚ, ସମିତିସଭ୍ୟ ମାନଙ୍କୁ ଉପଢ଼ୋକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଫନି ଚଳଚ୍ଚିତ୍ରର ନିର୍ଦ୍ଦେଶକ ପ୍ରଶନ୍ନ କୁମାର ବିଶ୍ୱାଳ, ସଂଗୀତ ନିର୍ଦ୍ଦେଶକ ଦୀନେଶ କୁମାର ମଲ୍ଲିକ, ଗୀତିକାର ନଳିନିପ୍ରଭା ଦାସଙ୍କ ସମେତ ସମସ୍ତ କଳାକାର ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶିକ୍ଷାବିତ୍ ତଥା ସାମ୍ବାଦିକ ଜୟନ୍ତ ଗୋସ୍ୱାମୀ ଅନୁଷ୍ଠାନ ସମ୍ପର୍କରେ ନିଜର ମତାମତ ରଖିଥିଲେ। ଅନ୍ୱେଷଣର ଶିଶୁ କଳାକାର ତଥା କଣ୍ଠ ଶିଳ୍ପୀ ଦେବେଶ୍ୱର ସ୍ୱାଇଁଙ୍କ ଜନ୍ମଦିନ ପାଳନ କରିବା ସହିତ ତାଙ୍କୁ ସମସ୍ତେ ଆଶିର୍ବାଦ କରିଥିଲେ। ନୂତନଭାବେ ବରୀରୁ ପ୍ରକାଶ ପାଉଥିବା ରତ୍ନଗିରି ପତ୍ରିକାର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଅଜୟ ଜେନା ଅନୁଷ୍ଠାନରେ ବିଧିବଦ୍ଧ ଭାବେ ଅତିଥିମାନଙ୍କ ଗହଣରେ ଯୋଗଦେଇଥିଲେ। ଅନୁଷ୍ଠାନର ଉପସଭାପତି ସୁବାସ ଚନ୍ଦ୍ର ଦେବତା ନୂତନଭାବେ ବିରୁହାଁ ଗ୍ରାମପଞ୍ଚାୟତର ସରପଞ୍ଚଭାବେ ବିଜୟୀ ହୋଇଥିବାରୁ ତାଙ୍କୁ ଅନୁଷ୍ଠାନ ପକ୍ଷରୁ ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ ସମ୍ପାଦକ ଶଙ୍କର ସାହୁ, ମଡ଼ିଆ ସେଲ୍ ଅଧ୍ୟକ୍ଷ ସୁରେଶ୍ କର, ସମାଜସେବୀ ସେକ୍ ସାଜିତ୍‌ଙ୍କ ସମେତ ଅନୁଷ୍ଠାନ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟସଦସ୍ୟା ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ, ହତ୍ୟା ଅଭିଯୋଗ ଆଣିଲେ ସ୍ୱାମୀ

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ପାଟପୁର ପଂଚାୟତର ପାଣିମୁହାଣୀ ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ସୂଚନା ମୁତାବକ ପାଣିମୁହାଣୀ ଗ୍ରାମର ବିଜୟ ନାୟକଙ୍କ ସହିତ ପଡୋଶୀଙ୍କ ଜମିବାଡି ବିବାଦକୁ କେନ୍ଦ୍ର କରି ବିବାଦ ଲାଗିରହିଥିଲା । ତେବେ ସେମାନେ ଆସି ବିଜୟଙ୍କୁ ଆକ୍ରମଣ କରିବା ସହିତ ତାଙ୍କ ପତ୍ନୀଙ୍କୁ ଆକ୍ରମଣ କରିଥିଲେ । ଆକ୍ରମଣରେ ତାଙ୍କର ପତ୍ନୀ ବିନି ନାୟକ (୫୧)ଙ୍କ ମୃତ୍ୟୁ ହୋଇଥିବା ସ୍ୱାମୀ ବିଜୟ ନାୟକ ଅଭିଯୋଗ କରିଛନ୍ତି । ସ୍ୱାମୀ ବିଜୟଙ୍କ ଅଭିଯୋଗକ୍ରମେ ପଡୋଶୀ କିଛି ଯୁବକ ତାଙ୍କ ଘର ଭିତରେ ପଶି ଉଭୟଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କର ପତ୍ନୀଙ୍କ ମୃତ୍ୟୁ ଘଟିଥିଲା। ସେ ନିଜେ ଆହତ ହୋଇ ଧର୍ମଶାଳା ଡାକ୍ତରଖାନାରେ ଭର୍ତି ହୋଇ ଚିକିତ୍ସିତ ହେଉଛନ୍ତି । ତେବେ ପୂର୍ବରୁ ଗଛକଟାକୁ କେନ୍ଦ୍ର କରି ବିଜୟ ଓ ପଡୋଶୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏନେଇ କୋତପୁର ଫାଣ୍ଡିରେ ଉଭୟ ପକ୍ଷରୁ ମାମଲା ମଧ୍ୟ ରୁଜୁ ହୋଇଥିବା ସୂଚନା ମିଳିଛି। ସେହି ଘଟଣାକୁ କେନ୍ଦ୍ର କରି ୪/୫ଜଣ ଯୁବକ ତାଙ୍କ ଘରେ ପଶି ଏଭଳି କାଣ୍ଡ ଭିଆଇଥିବା ଅଭିଯୋଗ କରିଛନ୍ତି ବିଜୟ। ତେବେ ଏହି ଆକ୍ରମଣରେ ବିଜୟ ଏବଂ ମୃତ ମହିଳାଙ୍କ ଶରୀରରେ କୌଣସି କ୍ଷତଚିହ୍ନ ନଥିବା ଦେଖିବାକୁ ମିଳିଛି। ଖବର ପାଇ କୋତପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରିବା ସହ ୧୯୧/୨୨ରେ ଏକ କେଶ ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ବଡଚଣା ପଠାଇବା ସହ ସାଇଣ୍ଟିଫିକ ଟିମ ସହାୟତାରେ ତଦନ୍ତ ଚଳାଇଛି । ଅନ୍ୟପଟେ ଅଭିଯୋଗ ଆଧାରରେ ପୁଲିସ ଗ୍ରାମର ୪ଜଣ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ତେବେ ରାତିରେ ୪ଜଣ ଦୁର୍ବୃତ ଜଣକ ଘରେ ପସି ହତ୍ୟାକାଣ୍ଡ ଭିଆଇଥିଲା ବେଳେ ପଡୋଶୀ ଲୋକେ ଜାଣିନପାରିବା ଓ ଉଭୟ ସ୍ୱାମୀ ଓ ପତ୍ନୀଙ୍କ ଦେହରେ କ୍ଷତଚିହ୍ନ ନଥିବାକୁ ଘଟଣାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି ।

## ରାଣିବନ୍ଦି ଗ୍ରାମରେ ଡକାୟତି, ଆକ୍ରମଣରେ ଜଣେ ଗୁରୁତର

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ରାଣିବନ୍ଦି ଗ୍ରାମରେ ଡକାୟତମାନେ କବାଟଭାଙ୍ଗି ଜଣକ ଘରେ ପଶି ସୁନା, ରୁପା ଅଳଙ୍କାର ଓ ନଗଦ ଟଙ୍କା ଲୁଟିନେଇଥିବା ଅଭିଯୋଗ ହୋଇଛି । ରାଣିବନ୍ଦି ଗ୍ରାମର ତରୁଣ କୁମାର ମହାପାତ୍ରଙ୍କ ଘରେ ଡକାୟତମାନେ ପଶି ଗଦରେଜ ଆଲମିରା ଭାଙ୍ଗି ୪ଭରି ସୁନା ଓ ୧୦ ଭରି ରୁପା ଅଳଙ୍କାର ସହ ନଗଦ ୨୦ ହଜାର ଟଙ୍କା ଲୁଟିନେଇଛନ୍ତି । ଏହାକୁ ଗୃହକର୍ତାଙ୍କ ଭଣଜା ବିରୋଧ କରିବାରୁ ଡକାୟତମାନେ ତାଙ୍କୁ ମାଡମାରି ଏକ ରସିରେ ବାନ୍ଧିଦେଇ ଅଳଙ୍କାର ଓ ଟଙ୍କା ଲୁଟିନେଇ ଫେରାର ହୋଇଯାଇଥିଲେ । ପରେ ଗୃହକର୍ତାଙ୍କ ପୁଅ ସତ୍ୟରଂଜନ ଘରକୁ ଅସି ଗୁରୁତର ଅବସ୍ଥାରେ ବନ୍ଧା ହୋଇ ପଡିଥିବା ଭାଇକୁ ଉଦ୍ଧାର କରି ମେଡିକାଲରେ ଭର୍ତି କରିଥିଲେ । ଅଭିଯୋଗ ପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପହଁଚି ତଦନ୍ତ କରିଛି । ତେବେ ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରିବାରେ ସଫଳ ହୋଇନାହିଁ । ସୂଚନାଯୋଗ୍ୟ ଯେ ଗତ କିଛିଦିନ ହେଲା ଧର୍ମଶାଳା ଥାନାର ବିଭିନ୍ନ ଅଂଚଳରେ ଚୋରୀ ଘଟଣା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ପୋଲିସର ନିଷ୍କ୍ରିୟତା ପଦାରେ ପଡିଛି ।

## ନାବାଳିକାକୁ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ତୁରଙ୍ଗ ଗ୍ରାମରେ ଜଣେ ନାବାଳିକାକୁ ସେହି ଗ୍ରାମର ଜଣେ ଯୁବକ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଗିରଫ କରିଛି । ତୁରଙ୍ଗ ଗ୍ରାମର ପବିତ୍ର ରାଉତ(୨୪) ସେହି ଗ୍ରାମର ଜଣେ ନାବାଳିକାକୁ ଜୋରଜବରଦସ୍ତ ଉଠାଇ ନେଇ ଅସଦାଚରଣ କରିଥିବା ଅଭିଯୋଗ ହୋଇଛି । ଏନେଇ ନାବାଳିକାର ପିତା ଜେନାପୁର ଥାନାରେ ଅଭିଯୋଗ କରବା ପରେ ପୋଲିସ ୯୦/୨୨ରେ ଏକ କେଶ ରୁଜୁ କରିବା ସହ ଅଭିଯୁକ୍ତ ପବିତ୍ରକୁ ଗିରଫ କରିଥିଲା । ଉଭୟ ପୀଡିତା ଓ ଅଭିଯୁକ୍ତଙ୍କ ଡାକ୍ତରିମାଇନା କରାଯାଇ ଅଭିଯୁକ୍ତ ପବିତ୍ରକୁ ଯାଜପୁର କୋର୍ଟକୁ ଚାଲାଣ କରାଯାଇଛି ବୋଲି ଜେନାପୁର ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ଟାଟା ଏସି ସହ ଲକ୍ଷାଧିକ ଟଙ୍କାର ଏଲଇଡି ୱାଲ ଡକାୟତି

ଖୋର୍ଦ୍ଧା (ପିଏନ

# ଶିଶୁ ସୁରକ୍ଷା ସମ୍ପର୍କିତ କର୍ମଶାଳା

ଫୁଲବାଣୀ,(ପି.ଏନ):ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ କନ୍ଧମାଳ ତରଫରୁ ଆଜି ତା ୨୧.୦୪.୨୦୨୨ ରିଖ ଗୁରୁବାର ଦିନ ଫୁଲବାଣୀ ସ୍ଥିତ ଓଞ୍ଚଉଇ ସଭା ଗୃହ ଠାରେ ଫୁଲବାଣୀ, ଫିରିଙ୍ଗିଆ,ଖଜୁରୀପଡା,ଚ୍ରକାପାଦ,ଟିକାବାଲି ଓ ଜି ଉଦୟଗିରି ୬ଟି ପଞ୍ଚାୟତସମିତର ଅଧ୍ୟକ୍ଷ,ସମିତି ସଭ୍ୟ ସଭ୍ୟା,ଜିଲ୍ଲାପରିଷଦ ସଭ୍ୟ ସଭ୍ୟା ଓ ସରପଞ୍ଚ ମାନଙ୍କୁ ନେଇ ଶିଶୁ ସୁରକ୍ଷା ସମ୍ପର୍କୀତ ସଚେତନତା ତଥା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ ରଶ୍ମିତା କରଣ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନସଂସ୍ଥା ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଶ୍ୱରଞ୍ଜନ ନାୟକ,ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିଶୁମଙ୍ଗଳ କମିଟି ଅଧ୍ୟକ୍ଷ ଶ୍ରୀଯୁକ୍ତ ଅଶୋକକୁମାର ବେହେରା, ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ, ମହିଳା ସୁରକ୍ଷା ଅଧିକାରିଣୀ ଏସ୍ ଗାୟତ୍ରୀ,ଆକ୍ସନଏଡ୍ ଜିଲ୍ଲା ସଂଯୋଜିକା ଶ୍ରୀମତୀ ସଂଧାରାଣୀ ନାୟକ, ଫିରିଙ୍ଗିଆ, ଖଜୁରୀପଡା, ଫୁଲବାଣୀ,ଟିକାବାଲି,କ ନୁଆଗାଁର ଜାତୀୟ ଆପ୍ରେଂଟିସ୍ ସିପ୍ ମେଳାର ଶୁଭାରମ୍ଭ କଲେ କେନ୍ଦ୍ରମନ୍ତ୍ରୀ ନୂଆଦିଲ୍ଲୀ/ ଭୁବନେଶ୍ୱର, (ପି.ଏନ): ଆଗାମୀ ୧ ବର୍ଷ ମଧ୍ୟରେ ୧୦ ଲକ୍ଷ ଯୁବପିଢ଼ିଙ୍କୁ ଜାତୀୟ ଆପ୍ରେଂଟିସ୍‌ସିପ୍ ଫ୍ରେମୱାର୍କ ସହ ଯୋଡ଼ାଯିବାର ଲକ୍ଷ୍ୟ ରଖାଯାଇଛି ବୋଲି ଗୁରୁବାର ନୂଆଦିଲ୍ଲୀ ଠାରେ ଏକ ଦିବସୀୟ ପ୍ରଧାନମନ୍ତ୍ରୀ ଜାତୀୟ ଆପ୍ରେଂଟିସ୍‌ସିପ୍ ମେଳାକୁ ଡ଼ିଜିଟାଲ ପ୍ଲାଟଫର୍ମରେ ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଦେଶର ଯୁବକ ଯୁବତୀ ନିଜର କୌଶଳ ଅନୁସାରେ ଉପଯୁକ୍ତ ରୋଜଗାର ଚୟନ କରିବା ପାଇଁ ସ୍କିଲ୍ ଇଣ୍ଡିଆ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଓଡ଼ିଶା, ମହାରାଷ୍ଟ୍ର, ପୁଣେ, ଗୁଜରାଟ ସମେତ ବିଭିନ୍ନ ଅଂଚଳର ଛାତ୍ରଛାତ୍ରୀଙ୍କ ସହ କଥା ହୋଇ ସେମାନଙ୍କର ଲକ୍ଷ୍ୟ, ମେଳାକୁ ନେଇ ଅନୁଭୂତି ଓ ଆଗାମୀ ଦିନର ଯୋଜନା ଉପରେ ପଚାରିଥିଲେ । ଭୁବନେଶ୍ୱର ସରକାରୀ ଆଇଟିଆଇରେ ବେକରୀ ବା କେକ୍ ତିଆରି କାର୍ଯ୍ୟରେ ପ୍ରଶିକ୍ଷଣ ନେଉଥିବା ଛାତ୍ରୀ କ୍ରୀଷ୍ଣା ବେନ୍ନି ରେଡ୍ଡୀ ସହ ବାର୍ତାଳାପ କରିଥିଲେ । ସେ ନିଜ ଉଦ୍ୟମରେ ଆଗାମୀ ଦିନରେ ନିଜର ବେକରୀ ଆରମ୍ଭ କରି ଏକ ଉଦ୍ୟମୀ ହେବାର ସ୍ୱପ୍ନ ଦେଖିଥିବାରୁ ତାଙ୍କୁ ପଞ୍ଚାୟତ ପ୍ରତିନିଧିମାନେ ଏବଂ ସମ୍ପନ୍ଦିତ ଶିଶୁବିକାଶ ଅଧିକାରିଣୀ ମାନେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଜିଲ୍ଲା ଗ୍ରାମ୍ୟଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀଯୁକ୍ତ ବିଶ୍ୱରଞ୍ଜନ ନାୟକ ଶିଶୁମାନେ ଦେଶର ଭବିଷ୍ୟତ ତେଣୁ ଶିଶୁଙ୍କ ସୁରକ୍ଷା ଯତ୍ନ ପ୍ରତି ଧ୍ୟାନ ଦେବା ସମସ୍ତଙ୍କ ଦାୟୀତ୍ୱ ବୋଲି ମତାମତ ପ୍ରଦାନ କରିଥିଲେ,ଅଧ୍ୟକ୍ଷ ଶିଶୁ ମଙ୍ଗଳ କମିଟି ଶିଶୁ ସୁରକ୍ଷାରେ ପଞ୍ଚାୟତ ପ୍ରତିନିଧି ମାନଙ୍କ ଭୂମିକା ସମ୍ପର୍କରେ ସୁଚନା ପ୍ରଦାନ କରିଥିଲେ, ଫୁଲବାଣୀ ଜିଲ୍ଲା କୋର୍ଟର ବରିଷ୍ଠ ଆଇନଜିବୀ ଶ୍ରୀଯୁକ୍ତ ବିଜୟକୁମାର ପଟ୍ଟନାୟକ ଯୌନ ନିରାପତ୍ତା ସୁରକ୍ଷାଆଇନ,ବାଲ୍ୟବିବାହ ଆଇନ,କିଶୋର ଓ ନ୍ୟାୟ ଆଇନ ସମ୍ପର୍କରେ ପଞ୍ଚାୟତ ପ୍ରତିନିଧିମାନଙ୍କୁ ସଚେତନ କରିଥିଲେ।ଜିଲ୍ଲା ସମାଜମଙ୍ଗଳ ଅଧିକାରିଣୀ ଗ୍ରାମାଞ୍ଚଳରେ ଥିବା ଅଙ୍ଗନୱାଡି କେନ୍ଦ୍ର ଗୁଡିକରେ କିଶୋରୀ ଓ କିଶୋର ମାନଙ୍କ ସୁରକ୍ଷା ଓ ସଚେତନତା ସଠିକ୍ ଭାବେ ହେବ ସେଥିପ୍ରତି ପଞ୍ଚାୟତ ପ୍ରତିନିଧିମାନେ ଅଙ୍ଗନୱାଡି କର୍ମୀମାନଙ୍କୁ ସହଯୋଗ କରିବା ପାଇଁ ପ୍ରତିନିଧି ମାନଙ୍କୁ ସୁଚନା ଦେଇଥିଲେ, ପ୍ରଂଶସା କରିଥିଲେ କେନ୍ଦ୍ରମନ୍ତ୍ରୀ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓଡ଼ିଶାର ୨୮ଟି ସ୍ଥାନ ସମେତ ଦେଶର ୭୦୦ରୁ ଅଧିକ ଜାଗାରେ ଆପ୍ରେଂଟିସ୍‌ସିପ୍ ମେଳା ଆୟୋଜନ ହୋଇଯାଇଛି । ଦେଶର ୩୦ରୁ ଅଧିକ ଶିଳ୍ପକ୍ଷେତ୍ର ସହ ଜଡିତ ୪୦୦୦ରୁ ଅଧିକ କମ୍ପାନୀ ଏହି ମେଳାରେ ଭାଗ ନେଇଛନ୍ତି । ଅଧିକରୁ ଅଧିକ ଆଶାୟୀ ଯୁବକ ଯୁବତୀମାନେ ରୋଜଗାର ପାଇଁ ପଞ୍ଜିକରଣ କରିଛନ୍ତି । ଦୂରଦୃଷ୍ଟି ସମ୍ପନ୍ନ ରାଷ୍ଟ୍ରୀୟ ଆପ୍ରେଂଟିସସିପ୍ ମେଳା ଯୁବକ ଯୁବତୀଙ୍କୁ ରୋଜଗାର ଦେବା ସହ ସେମାନଙ୍କର ଆଶା ଏବଂ ଆକାଂକ୍ଷାକୁ ପୂରଣ କରିବ । ଉଦ୍ୟମୀ ହେବା ପାଇଁ ଉଚ୍ଚାଭିଳାଷକୁ ପ୍ରୋତ୍ସାହନ ଦେବ । ଏଥିରେ ସେମାନେ ୧ ବର୍ଷ ପାଇଁ ମାସକୁ ମାସ ଷ୍ଟାଇପେଣ୍ଡ ପାଇବେ । ଯେଉଁଥିରେ ଭାରତ ସରକାରଙ୍କ ୨୫ ପ୍ରତିଶତ ଯୋଗଦାନ ରହିବ । ତେଣୁ ଜାତୀୟ ମିଶନକୁ ଆଗେଇ ନେବା ପାଇଁ ଆପ୍ରେଂଟିସ୍‌ସିପ୍‌କୁ ଜନଭାଗିଦାରୀ କରିବା ଜରୁରୀ ।ଶ୍ରୀ ପ୍ରଧାନ ଯୋଗଦେଇଥିବା ସମସ୍ତ ସଂସ୍ଥା ଏବଂ ଷ୍ଟେକହୋଲଡରଙ୍କୁ ଏଭଳି ସୁଯୋଗକୁ ଆହୁରି ବୃଦ୍ଧି କରି ଅଧକରୁ ଅଧିକ ଆପ୍ରେଂଟିସସିପ୍ ପ୍ରଦାନ କରିବା ପାଇଁ ପ୍ରୋତ୍ସାହିତ କରିଛନ୍ତି । ସେ କହିଛନ୍ତି ଯେ ସ୍ଥାନୀୟ ଅର୍ଥନୀତିର ସୁଯୋଗ ଆଧାର କରି ଶିଳ୍ପ ସଂସ୍ଥା ସହ ଏହାପରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ଶ୍ରୀମତୀ କରଣ ଯାନ୍ତ୍ରୀକ ଅଧିବେଶନ ଆରମ୍ଭ କରି ଗ୍ରାମାଞ୍ଚଳରେ ଦେଖାଯାଉଥିବା ବିଭିନ୍ନ ଶିଶୁ ସମସ୍ୟା ଓ ସମାଧାନ ପାଇଁ ସରକାରଙ୍କ ତରଫରୁ ଥିବା ବ୍ୟବସ୍ଥା, ପଞ୍ଚାୟତ ସ୍ତରୀୟ ଶିଶୁ ସୁରକ୍ଷା କମିଟି,ବ୍ଲକ ସ୍ତରୀୟ ଶିଶୁ ଶିଶୁ ସୁରକ୍ଷା କମିଟିର କାର୍ଯ୍ୟ ଓ କ୍ଷମତା ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା , ଚାଇଲ୍ଡଲାଇନ୍-୧୦୯୮ର ସେବା ସମ୍ପର୍କରେ କର୍ମୀ ଶିବଶଙ୍କର ବେହେରା ସୁଚନା ପ୍ରଦାନ କରିଥିଲେ, ଶେଷରେ ଶିଶୁ ସୁରକ୍ଷାରେ ପ୍ରତ୍ୟକ୍ଷ ଭାଭେ ନିଜକୁ ସାମିଲ ପାଇଁ ପ୍ରତିନିଧିମାନଙ୍କୁ ଆକ୍ସନଏଡ୍ର ଜିଲ୍ଲା ସଂଯୋଜିକା ଶ୍ରୀମତୀ ସଂଧାରାଣୀ ନାୟକ ଶପଥପାଠ କରେଇଥିଲେ। ଶିଶୁ ଯତ୍ନ ଆନୁଷ୍ଠାନ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ସୁନୀଲ କୁମାର ପ୍ରଧାନ ଧନ୍ୟବାଦ ପ୍ରଦାନ କରିଥିଲେ। ଏବଂ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଅଣଅନୁଷ୍ଠାନ ସୁରକ୍ଷା ଅଧିକାରୀ ଶ୍ରୀ ସରୋଜ କୁମାର କହଁର,ବବୃବାହାନ ମାଝୀ, ବିନ୍ନୟ କୁମାର ବେହେରା କର୍ମଶାଳା ପରିଚାଳନାରେ ସହଯୋଗ କରିଥିଲେ। ଯୋଡ଼ାଗଲେ ଆଗାମୀ ଦିନରେ ଯୁବପିଢ଼ିଙ୍କୁ ଆପ୍ରେଂଟିସସିପ୍ ସୁଯୋଗ ମିଳିପାରିବ । ଆଗାମୀ ୧ ବର୍ଷ ମଧ୍ୟରେ ୧୦ ଲକ୍ଷ ଯୁବପିଢ଼ିଙ୍କୁ ଜାତୀୟ ଆପ୍ରେଂଟିସସିପ ଫ୍ରେମୱାର୍କ ସହ ବ୍ୟାଙ୍କ୍ ଆକାଉଂଟରେ ଡ଼ିଜିଟାଲ ପେମେଂଟ୍ ଅଫ୍ ଷ୍ଟାଇପେଣ୍ଡ୍ ଯୋଡ଼ିବାର ଲକ୍ଷ୍ୟ ରଖାଯାଇଛି । ଆପ୍ରେଂଟିସଙ୍କୁ ଏକାଡ଼ମିକ୍ କ୍ରେଡ଼ିଟ୍ ଭାବରେ ପ୍ରଦାନ କରାଯିବ । ଯାହା ଆଗାମୀ ଦିନରେ ପ୍ରଶିକ୍ଷଣ ନେଇଥିବା ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ କରିବ । ପରବର୍ତୀ ସମୟରେ ପିଏମ ଜାତୀୟ ଆପ୍ରେଂଟିସସିପ୍ ମେଳା ପ୍ରତି ମାସରେ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ ଶ୍ରୀ ପ୍ରଧାନ । ଏହାସହ କେବଳ ଆଇଆଇଟି ପିଲାଙ୍କୁ ନୁହେଁ ବରଂ ଜନଶିକ୍ଷଣ ସଂସ୍ଥା, ଆଇଆଇଟି ଭଳି ରାଜ୍ୟରେ ଥିବା ପ୍ରଶିକ୍ଷଣ ସଂସ୍ଥା, ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ର, ଦୀନଦୟାଳ ଉପାଧ୍ୟୟ ଗ୍ରାମୀଣ କୌଶଲ୍ୟରେ ସମ୍ପୃକ୍ତ ପିଲାମାନଙ୍କୁ ଏଥିରେ ସାମିଲ କରିବା ପାଇଁ ଶ୍ରୀ ପ୍ରଧାନ ଷ୍ଟେକହୋଲଡର ଓ ଆଇଟିଆଇର କର୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ । ସେହିପରି ଖଣିଜ ସମ୍ପଦରେ ପରିପୂର୍ଣ୍ଣ ଓଡିଶା ସମେତ ଅନ୍ୟ ରାଜ୍ୟର ବିଶେଷତାକୁ ଦୃଷ୍ଟିରେ ରଖି ଅଧିକ ଆପ୍ରେଂଟିସ ଆସିବା ଦରକାର । ଆପ୍ରେଂଟିସସିପ ପ୍ରକ୍ରିୟାକୁ ଆହୁରି ଶୃଙ୍ଖଳିତ କରିବା ସହ ଏକବିଂଶ

# କୋଠାବାଡି ପ୍ଲାନ ମଞ୍ଜୁରୀ ପାଇଁ ପୌରସଂସ୍ଥା ଯନ୍ତ୍ରୀଙ୍କ ୨ଦିନିଆ ତାଲିମ କର୍ମଶାଳା

ଭୁବନେଶ୍ୱର, ୨୧ ଏପ୍ରିଲ - ପୌରସଂସ୍ଥାଗୁଡିକୁ ସହରୀ ଯୋଜନା କାର୍ଯ୍ୟ ହସ୍ତାନ୍ତରଣ ତଥା ଏହି ସେବାକୁ ପାରଦର୍ଶିତା ସହ ଯୋଗାଇଦେବା ନିମନ୍ତେ ସରକାର ପ୍ରଚଳିତ ବିଧିବ୍ୟବସ୍ଥାରେ ଅବଶ୍ୟକୀୟ ସଂଶୋଧନମାନ ଆଗତ କରିସାରିଛନ୍ତି । ପୌରସଂସ୍ଥାରେ କାର୍ଯ୍ୟରତ ଅଧିକାରୀମାନଙ୍କର ଦକ୍ଷତା ବୃଦ୍ଧି କରିବା ଉଦେଶ୍ୟରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଆଜିଠାରୁ ଏକ ଦୁଇ ଦିନିଆ ତାଲିମ ତଥା କର୍ମଶାଳାର ଆୟୋଜନ କରାଯାଇଛି । ଏହି କର୍ମଶାଳାରେ କୋଠାବାଡି ଯୋଜନା ଅନୁମୋଦନ ତଥା ଅଣଯୋଜନାକୃତ ସହରୀ ବିକାଶକୁ ନିୟନ୍ତ୍ରିତ କରିବା ନିମନ୍ତେ ବିଭିନ୍ନ ଆଇନଗତ ତଥା ବୈଷୟିକ ଦିଗ ଗୁଡିକ ଉପରେ ବିଶେଷ ତାଲିମ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି ।କର୍ମଶାଳାକୁ ଉଦଘାଟନ କରି ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥିଭାଥନନ କହିଥିଲେ ଯେ ସେବା ପ୍ରଦାନ କରିବାରେ ପାରଦର୍ଶିତା ଏବଂ ସ୍ୱଚ୍ଛତା ମାଧ୍ୟମରେ ଜନସାଧାରଣଙ୍କୁ ସୁବିଧା ଯୋଗାଇବା ସୁନିଶ୍ଚିତ କରିବା ଏବଂ ସରକାରୀ କାର୍ଯ୍ୟ ପ୍ରକ୍ରିୟାକୁ ସୁଗମ କରିବା ପାଇଁ ବୈଷୟିକ ଜ୍ଞାନ କୌଶଳ ଯଥା ସମ୍ଭବ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି । ଏଥି ସହିତ ସରକାରୀ ସଂସ୍ଥା ମାନଙ୍କ ଉପରେ ସର୍ବସାଧାରଣଙ୍କ ଆସ୍ଥା ବଜାୟ ରଖିବା ନିମନ୍ତେ ଅଧିକାରୀ ମାନଙ୍କ ବ୍ୟବହାରରେ ସକାରାତ୍ମକ ପରିବର୍ତନ ଆଣିବା ନିତାନ୍ତ ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ । ତାଲିମରେ ଅଂଶଗ୍ରହଣ କରୁଥିବା ଅଧିକାରମାନଙ୍କୁ ମୋ ସରକାର କାର୍ଯ୍ୟକ୍ରମରେ କିଭଳି ନାଗରିକ ମାନଙ୍କର ମତାମତ ସିଧା ସଳଖ ଫୋନରେ ଗ୍ରହଣ କରାଯାଉଛି ସେହି ବିଷୟରେ ଅବଗତ କରାଇଥିଲେ। ପୌର ନିର୍ଦ୍ଦେଶକ ସଂଗ୍ରାମଜିତ ନାୟକ ତାଙ୍କର ସ୍ୱାଗତ ଅଭିଭାଷଣରେ, ପୌରସଂସ୍ଥା ମାନଙ୍କୁ ସହରୀ ଯୋଜନା କ୍ଷମତା ପ୍ରଦାନ କରାଯିବା ଏକ ସମୋୟୋଚିତ ଉଦ୍ୟମ ଏବଂ ଏହା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ମହତ ଉଦ୍ଦେଶ୍ୟର ପ୍ରତିଫଳନ ଏବଂ ୫ଟି ମନ୍ତ୍ର ସହ ସମନ୍ୱୟ ରକ୍ଷାକରିବାରେ ସହାୟକ ହୋଇଛି ବୋଲି ମତ ପ୍ରକାଶ କରିଥିଲେ । ସମସ୍ତ ୧୧୫ ଗୋଟି ପୌରସଂସ୍ଥାର ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ପ୍ରଦାନ କରିଥିଲେ ଏବଂ ତାଗିଦ କରି କହିଥିଲେ ଯେ କ୍ଷମତା ଅର୍ଥ ଅଧିକ ଦାୟିତ୍ୱ ଏବଂ ସେମାନଙ୍କୁ ଯେଉଁ କାର୍ଯ୍ୟ ଦିଆଯାଇଛି ତାହା ସେମାନେ କିଭଳି ଭାବରେ ନିର୍ବାହ କରିବେ ତା' ଉପରେ ସମସ୍ତଙ୍କର ନଜର ରହିବ ।ଅତିରିକ୍ତ ଶାସନ ସଚିବ ସୁଶାନ୍ତ ମିଶ୍ର, ସହରୀ ଯୋଜନା ସେବାର ବ୍ୟବହାରିକ ଦିଗଗୁଡିକ ଉପରେ ଆଲୋକପାତ କରିଥିଲେ । ସେ ନାଗରିକମାନଙ୍କ ପାଇଁ କିଭଳି ଏକ ସମ୍ପୂର୍ଣ୍ଣ ସ୍ୱୟଂଚାଳିତ ଏବଂ କମ୍ପ୍ୟୁଟରୀକୃତ କୋଠାବାଡି ନିର୍ମାଣ ଯୋଜନା ଅନୁମୋଦନ ପ୍ରକ୍ରିୟା କରଣ ବ୍ୟବସ୍ଥା କରାଯାଇଛି, ତାହା ଜଣାଇଥିଲେ । ଏହି ତାଲିମ କର୍ମଶାଳାରେ କିଟ୍ ବିଶ୍ୱବିଦ୍ୟାଳୟର ସ୍ଥପତି ଏବଂ ଯୋଜନା ବିଭାଗର ମୁଖ୍ୟ ପ୍ରଫେସର ସୌମ୍ୟେନ୍ଦୁ. ଏସ୍ . ରାୟ, ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର, ସ୍ଥପତି ବିଭାଗ ମୁଖ୍ୟ ରାଜ୍ କୁଅଁର ନାୟକ, ଉପସ୍ଥିତ ଥିଲେ ।ତାଲିମ ଗ୍ରହଣ କରୁଥିବା ଏହି ନୋଡାଲ ପୌର ଯନ୍ତ୍ରୀ ମାନେ ନିଜ ନିଜ କାର୍ଯ୍ୟାଳୟରେ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ତାଲିମ ପ୍ରଦାନ କରିବେ ଏବଂ ବୈଷୟିକ ସହାୟତା ଯୋଗାଇ ଦେବେ । ପୌରସଂସ୍ଥା ମାନଙ୍କୁ ସହରୀ ଯୋଜନା ନିମନ୍ତେ କ୍ଷମତା ପ୍ରଦାନ କରାଯିବାପାଇଁ ଖୁବ ଶୀଘ୍ର ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ ।

## କୁମାରୀ ପଞ୍ଚାୟତରେ ଜଳଛତ୍ର ଉଦ୍‌ଘାଟିତ

ଧର୍ମଶାଳା, ୨୨।୪(ପିଏନ୍): ଧର୍ମଶାଳା ବ୍ଲକ କୁମାରୀ ପଂଚାୟତ ଅନ୍ତର୍ଗତ ମେଳଣ ପଡିଆ ଠାରେ କୁମାରୀ ପଞ୍ଚାୟତ ପକ୍ଷରୁ ଏକ ଜଳଛତ୍ର କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଧର୍ମଶାଳା ପ୍ରେସ କ୍ଲବର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ କୁମାରୀ ପଞ୍ଚାୟତର ପୂର୍ବତନ ସରପଂଚ ପ୍ରଭୁରଞ୍ଜନ ସାମଲ, ଯୁବ ସଂଗଠକ ମନରଞ୍ଜନ ସାମଲ ପରିଚାଳନା କରିଥିଲେ। ଏଥିରେ ଖେଳ ଶିକ୍ଷକ ଜୟପ୍ରକାଶ ତ୍ରିପାଠୀ କୁମାରୀ ନ୍ୟାୟବ ସରପଞ୍ଚ ମାନସ ରଞ୍ଜନ ରଣମନ୍ଥନ,ଯୁବ ନେତା ବାସୁଦେବ ପରିଡା,ରାଜେଶ ସାମଲ,ରଞ୍ଜନ କୁମାର ପାଳ,ମୀନତୀ ପଣ୍ଡା,ଅମରେଶ ପରିଡା,ବାସୁ ଦେବ ମିଶ୍ର,ସୋମ୍ୟରଞ୍ଜନ ରାଉତ,ଜୟନ୍ତ କୁମାର ସ୍ୱାଇଁ,ବିଭୁଭୂଷଣ ନାୟକ,ସୁରେନ୍ଦ୍ର ସାହୁ,ବିରଜା ପ୍ରସାଦ ସାମଲ,ସନ୍ତୋଷ ସାହୁ, ସୋମ୍ୟ ରଞ୍ଜନ ପୃଷ୍ଟି ସମେତ ବହୁ ବୁଦ୍ଧୀଜୀବି ମାନେ ଏଥିରେ ସାମିଲ ହୋଇଥିଲେ ।

## ଗୋଡିପଡା ଛକରେ ଅଣ୍ଡର ପାସ ନିର୍ମାଣ ପାଇଁ ପ୍ରତିଶୃତି ଦେଲେ ସାଂସଦ

ଖୋର୍ଦ୍ଧା, ୨୨।୪(ପିଏନ୍):ଖୋର୍ଦ୍ଧା-ବରହମପୁର ୧୬ ନମ୍ବର ଜାତୀୟ ରାଜପଥରେ ଭୁବନେଶ୍ୱର ଠାରୁ ବାଲୁଗାଁ ପର୍ଯ୍ୟନ୍ତ ରାସ୍ତା ସଂପ୍ରସାରଣ କାର୍ଯ୍ୟ ଚାଲୁ ରହିଛି । ତେବେ ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ଗୋଡିପଡା ଛକରେ ଅଣ୍ଡର ପାସ ନିର୍ମାଣ ପାଇଁ ସ୍ଥାନୀୟ ପଂଚାୟତ ବାଦୀଙ୍କ ପକ୍ଷରୁ ଦାବୀ ଜୋର ଧରିଥିବା ବେଳେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଏ ନେଇ ସାଂସଦ ଶ୍ରୀମତୀ ଷଡଙ୍ଗୀ ଅଣ୍ଡର ପାସ ନିର୍ମାଣ ସ୍ଥାନକୁ ଆସି ବୁଲି ଦେଖରବା ସହ ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ ।ଏହି ସ୍ଥାନରେ ଅଣ୍ଡର ପାସ ନିର୍ମାଣ ନହେଲେ ଗୋଡିପଡା ଛକରେ ସାଧାରଣ ଲୋକମାନଙ୍କ ଯାତାୟତରେ ଘୋର ଅସୁବିଧାର ସମୁଖିନ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ଏଥିରେ ସାଂସଦ ଅପରାଜିତା ଷଡଙ୍ଗୀଙ୍କ ସହ ଖୋର୍ଦ୍ଧା ଜିଲ୍ଲା ବିଜେପି ସଭାପତି ରଶ୍ମି ରଞ୍ଜନ ମହାପାତ୍ର ,ବିଜେପି ନେତା କାଳୁ ଖଣ୍ଡାୟତରାୟ ସମେତ ଶତାଧିକ ଗ୍ରାମବାସୀ ଏକତ୍ରୀତ ହୋଇଥିଲେ । ଏହି ସ୍ଥାନରେ ଅଣ୍ଡର ପାସ ନିର୍ମାଣ ପାଇଁ ବିଭାଗୀୟ କେନ୍ଦ୍ର ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀଙ୍କ ସହ କଥାବାର୍ତା କରି ପ୍ରତିଶୃତି ଦେଇଛନ୍ତି ।

# ସମସ୍ତ ପରିବାରକୁ ୨୦୦ ୟୁନିଟ ପର୍ଯ୍ୟନ୍ତ ନିଶୁଳ୍କ ବିଦ୍ୟୁତ ଯୋଗାଣ ଓ ବିଦ୍ୟୁତ କାଟ ପ୍ରତିବାଦରେ ସି.ପି.ଆଇ.ର ବିକ୍ଷୋଭ

କେନ୍ଦ୍ରାପଡ଼ା, ୨୨।୪: ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସି.ପି.ଆଇ.)କେନ୍ଦ୍ରାପଡା ଜିଲ୍ଲା କମିଟି ପକ୍ଷରୁ ବିଦ୍ୟୁତ ଡିଭିଜନ ଅଫିସ ସମ୍ମୁଖରେ ବିଶ୍ୱର କ୍ରାନ୍ତିକାରୀ ଲେନିନଙ୍କ ୧୫୩ ତମ ଜନ୍ମ ଦିବସ ଅବବସରରେ ସାଥି ସୋହାନା ବେଗମଙ୍କ ସଭାପତିତ୍ୱରେ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଥିଲା । ତୁରନ୍ତ ବିଦ୍ୟୁତ ଉତ୍ପାଦନରେ ବଳକା ରାଜ୍ୟ ଭାବେ ଓଡିଶା ଅନ୍ୟ ରାଜ୍ୟ ଦିଲ୍ଲୀ, ପଞ୍ଜାବ ଭଳି ପ୍ରତ୍ୟେକ ପରିବାରକୁ ୨୦୦ ୟୁନିଟ ପର୍ଯ୍ୟନ୍ତ ବିନା ଶୁଳ୍କରେ ବିଦ୍ୟୁତ୍ ପ୍ରଦାନ କରିବା, ଖରାଦିନେ ପିଲାଙ୍କ ପରୀକ୍ଷା ସମୟରେ ବିଦ୍ୟୁତି କାଟକୁ ବନ୍ଦ କରିବା, ବିନା ଅନୁମତିରେ ମିଟର ନବଦଳାଇବା, ଟାଟା କମ୍ପାନୀ ଆସିବା ପୂର୍ବରୁ ଥିବା ବାକି ଅର୍ଥକୁ ଜୁଲମ କରି ଆଦାୟ ନକରିବା, ଘରେ ଉପଭୋକ୍ତା ବ୍ୟବହାର କରୁନଥିବା ଜିନିଷ ଉପରେ ଜୋରିମାନାକୁ ବନ୍ଦ କରିବା, ତୁରନ୍ତ ପୁରୁଣା ବିଦ୍ୟୁତ ଖୁଂଟ ଓ ତାରକୁ ବଦଳାଇବା, କେବଳ ତାର କରି ମାଟି ତଳେ ଲାଇନକୁ ନେବା ଆଦି ଦାବୀ ଉପରେ ଜିଲ୍ଲା ସଂପାଦକ ଆଡଭୋକେଟ ରମଣୀ ରଞ୍ଜନ ରାଉତରାୟ ବିକ୍ଷୋଭରେ ଦାବୀ ସମୂହ ଉପସ୍ଥାପନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏ. ଆଇ. ଟି. ୟୁ.ସି. ଜିଲ୍ଲା ସଭାପତି ସାଥି ବାବାଜୀ ଧଳ, ମାର୍ଶାଘାଇ ମହାକାଳପଡା ଜୋନ ସମ୍ପାଦକ ବିକାଶ ଚନ୍ଦ୍ର ବେହେରା, ସାଥି ସଂଯୁକ୍

# ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Bhubaneswar Saturday April 23, 2022 | ଭୁବନେଶ୍ୱର ଶନିବାର, ଅପ୍ରେଲ ୨୩,୨୦୨୨ | Daily Edition : R.N.I.No: ODIODI /1999/00717 | Postal Regd. No: BN/57/18-20 | www.paryabekhyak.com | ୮


## ପାରାଦୀପ ପୌର ପରିଷଦର ପ୍ରଥମ ବୈଠକରେ ଉପସ୍ଥାପିତ ହେଲା ବାର୍ଷିକ ବଜେଟ

ପାରାଦୀପ,(ପି.ଏନ): ପୌର ନିର୍ବାଚନ ପରେ ଶୁକ୍ରବାର ଦିନ ପାରାଦୀପ ପୌର ପରିଷଦର ପ୍ରଥମ ବୈଠକରେ ବାର୍ଷିକ ବଜେଟ୍ ଉପସ୍ଥାପନ କରାଯାଇଥିଲା । ନଗରପାଳ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱ ଆୟୋଜିତ ବୈଠକରେ ବିଭିନ୍ନ ସୂତ୍ରରୁ ୩୫କୋଟି ୫୮ ଲକ୍ଷ ୪୮ ହଜାର ଟଙ୍କା ଆୟ ଲକ୍ଷ୍ୟ ରଖାଯାଇଥିବା ବେଳେ ୨୦୨୧-୨୨ ଆର୍ଥିକ ବର୍ଷର ବଳକା ୩୦କୋଟି ୭୧ ଲକ୍ଷ ୨୬ ହଜାର ୧୬୭ଟଙ୍କା ମିଶି ମୋଟ ଆୟ ୬୬ କୋଟି ୨୯ ଲକ୍ଷ ୭୪ ହଜାର ୧୬୭ଟଙ୍କାର ଲକ୍ଷ୍ୟ ରଖାଯାଇଛି । ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୬୪ କୋଟି ୩୬ ଲକ୍ଷ ୦୫ ହଜାର ୮୬୭ ଟଙ୍କା ବ୍ୟୟ ଅଟକଳ କରାଯାଇଛି । ପାରାଦୀପର ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କ ସହିତ ସୁ ସମ୍ପର୍କ ଓ ସହଭାଗିତାରେ ବିକାଶ, ଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ବଡ ନିଷ୍ପ□, ବର୍ଷାଜଳ ନିଷ୍କାସନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଓ ଯୁଦ୍ଧକାଳିନ ଭି□ରେ କାର୍ଯ୍ୟାନୁଷ୍ଠାନ, ଉଦୟବଟ ମୌଜାକୁ ମ୍ୟୁନିସିପାଲିଟିରେ ଅର୍ନ୍ତଭୁକ୍ତ କରିବା, ବେଳାଭୂମି ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦିଆଯାଇଛି, ସେହିପରି ବିଜୟଚନ୍ଦ୍ରପୁରରେ ସ୍ମାର୍ଟ ପାର୍କ ନିର୍ମାଣ କରାଯିବାର ଲକ୍ଷ୍ୟ ରଖାଯାଇଛି, ଜଳ ନିଷ୍କାସନ ପଥ ଓ ସରକାରୀ ଜମି ଜବରଦଖଲ ଉଚ୍ଛେଦକୁ ଗୁରୁତ୍ୱ ଦେବାକୁ ଲକ୍ଷ୍ୟ ରଖାଯାଇଛି, ଜଳ ନିଷ୍କାସନ ପଥ ସଫେଇ ତଥା ଜଳାଶୟର ସୌନ୍ଦର୍ଯ୍ୟକରଣ, ରାସ୍ତା, ଡ୍ରେନ୍ ଓ ସର୍ବସାଧାରଣ ସ୍ଥାନକୁ ଅବାଧ ଓ ମୁକ୍ତ କରିବା ପାଇଁ ଏନ୍‌ଫୋର୍ସମେଣ୍ଟ ସ୍କାର୍ଡ ଗଠନ, ଜାତୀୟ ସହରାଂଚଳ ଜୀବିକା ମିଶନ କରିଆରେ ମହିଳାମାନଙ୍କୁ ସଶକ୍ତ, ଯୁବକମାନଙ୍କୁ ପ୍ରଶିକ୍ଷଣ ଓ କର୍ମ ନିଯୁକ୍ତିକୁ ଗୁରୁତ୍ୱ ଦିଆଯିବ, ପାରାଦୀପର ସମସ୍ତ ରାସ୍ତାକୁ ଆଲୋକିକରଣ, ପ୍ରାକୃତିକ ଜଳାଧାର, ସହରର ମୁଖ୍ୟ ଜଳ ନିଷ୍କାସନ ପଥ ର ମାଷ୍ଟର ପ୍ଲାନ ପ୍ରସ୍ତୁତି ପାଇଁ ଗୁରୁତ୍ୱ ଦିଆଯିବା, ଶିକ୍ଷା କ୍ଷେତ୍ରରେ ଗୁରୁତ୍ୱ ପ୍ରଦାନ ପାଇଁ ବିଦ୍ୟାଳୟ ରୂପାନ୍ତରିତ କାର୍ଯ୍ୟରେ ପୌର ପାଳିକା ସହାୟତା କରିବ ଏଥି ସହିତ ପାରାଦୀପ ସହରର ବିକାଶରେ ସାମିଲ ହେବା ପାଇଁ ବିଭିନ୍ନ ବର୍ଗର ନାଗରିକମାନଙ୍କୁ ନେଇ ସିଟିଜେନ୍ ଆଡ୍‌ଭାଇଜରି କମିଟି ଗଠନ କରିବାକୁ ଲକ୍ଷ୍ୟ ରଖାଯାଇଛି । ପୌର ପାଳିକାର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକରେ ପାରାଦୀପ ବିଧାୟକ ସମିତ ରାଉତରାୟ ଯୋଗ ଦେଇଥିଲେ । ପାରିଷଦମାନେ ଏହି ସମସ୍ତ ପ୍ରସ୍ତାବ ଗୁଡିକର ସମର୍ଥନ କରିବା ପରେ ଏହା ସର୍ବ ସମ୍ମତିକ୍ରମେ ଗୃହିତ ହୋଇଥିବା ନେଇ ପୌର ପାଳିକା ପକ୍ଷରୁ ପ୍ରେସ୍ ଇସ୍ତାହାର ମାଧ୍ୟମରେ ସୂଚନା ମିଳିଛି । ନିର୍ବାହୀ ଅଧିକାରୀ ସୌରିନ୍ଦ୍ର କୁମାର ରାଉତରାୟ, ଉପାଧ୍ୟକ୍ଷା ଛବିଲତା ରାଉତଙ୍କ ସମେତ ନିର୍ବାଚିତ ପାରିଷଦମାନେ ଏହି ପ୍ରଥମ ବୈଠକରେ ଯୋଗ ଦେଇଥିଲେ ।

## ବାଲେଶ୍ୱର ଖବରକାଗଜ ବିତରକଙ୍କୁ ପରିଚୟପତ୍ର ପ୍ରଦାନ

ବାଲେଶ୍ୱର,(ପି.ଏନ): ଖବରକାଗଜ ବିତରକମାନଙ୍କୁ ସ୍ୱତନ୍ତ୍ର କୋଭିଡ୍ ସହାୟତା, ପରିଚୟପତ୍ର ସମେତ ଅନ୍ୟାନ୍ୟ ସୁବିଧା ପ୍ରଦାନ ଲାଗି ଓଡିଶା ସରକାରଙ୍କ ଦ୍ୱାରା ପ୍ରଣୀତ ଯୋଜନାକୁ ଗତ ୨୩/୧୨/୨୦୨୧ରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଭାସି ଜରିଆରେ ଉଦଘାଟନ କରିଥିଲେ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲ୍ଲା ପାଇଁ ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ଅନୁମୋଦିତ ୪୭୧ଜଣ ଖବରକାଗଜ ବିତରକଙ୍କ ପରିଚୟପତ୍ର ପ୍ରସ୍ତୁତ କରାଯାଇଥିବା ବେଳେ ଆଜି ସେମାନଙ୍କୁ ପରିଚୟପତ୍ର ବଂଟନ ଆରମ୍ଭ ହୋଇଛି । ଆଜି ସନ୍ଧ୍ୟାରେ ସ୍ଥାନୀୟ ସଦଭାବନା ସଭାଗୃହରେ ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ଏହାର ଶୁଭାରମ୍ଭ କରିବା ସହିତ ଉପସ୍ଥିତ ଖବରକାଗଜ ବିତରକମାନଙ୍କୁ ପରିଚୟପତ୍ର ବଂଟନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଦୀପକ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଆଜିର କାର୍ଯ୍ୟକ୍ରମରେ ୨୦ରୁ ଉର୍ଦ୍ଧ୍ୱ ଖବରକାଗଜ ବିତରକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଡ ପାଇବା ପରେ ବିତରକମାନେ ଖୁସି ବ୍ୟକ୍ତ କରିବା ସହିତ ଓଡିଶା ସରକାରଙ୍କୁ କୃତଜ୍ଞତା ପ୍ରକାଶ କରିଛନ୍ତି । ପଞ୍ଜୀକୃତ ହୋଇଥିବା ଅନ୍ୟ ବିତରକମାନେ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟରୁ ପରିଚୟପତ୍ର ସଂଗ୍ରହ ପାଇଁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ସାହୁ ନିବେଦନ କରିଛନ୍ତି । ଆଜିର କାର୍ଯ୍ୟକ୍ରମରେ ଅନ୍ୟ ଅଧିକାରୀମାନଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ଓ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ ।

## ଏସାର ପକ୍ଷରୁ ବିଶ୍ୱ ଧରିତ୍ରୀ ଦିବସ ପାଳିତ

ପାରାଦୀପ,(ପି.ଏନ): ଏସାର ବଲ୍କ ଟର୍ମିନାଲ ପାରାଦୀପ ଲିମିଟେଡ୍ ପକ୍ଷରୁ ବିଶ୍ୱ ଧରିତ୍ରୀ ଦିବସ ଅଠରବାଙ୍କୀ ସ୍ଥିତ ମା ଅମ୍ବିକା ଉଚ୍ଚ ବିଦ୍ୟାଳୟରେ ପାଳନ କରାଯାଇଛି । ପ୍ରଥମେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଏକ ସଚେତନତା ଅଭିଯାନ ଅଠରବାଙ୍କୀଠାରୁ ଆରମ୍ଭ ହୋଇ ଲକ୍‌ପଡା ଠାରେ ଶେଷ ହୋଇଥିଲା । ଏହି ଅଭିଯାନ ମାଧ୍ୟମରେ ଜଳବାୟୁ ପରିବ□ନରେ ସମତା, ବୃକ୍ଷରୋପଣ, ପରିବେଶ ପରିଷ୍କାର ପରିଚ୍ଛନ୍ନ ଉପରେ ଛାତ୍ରଛାତ୍ରୀ ମାନେ କବିତା ମାଧ୍ୟମରେ ସଚେତନତା କରାଇଥିଲେ । କମ୍ପାନୀ ସି.ଏସ୍.ଆର୍ ବିଭାଗ ମୁଖ୍ୟ ଯୁଗଜ୍ୟୋତି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ହରିହର ରାଉତରାୟଙ୍କୁ ଚାରାଗଛ ପ୍ରଦାନ କରାଯାଇ ସମ୍ମାନୀତ କରାଯାଇଥିଲା । ମା ଅମ୍ବିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭ୍ରମରବର ପ୍ରଧାନଙ୍କ ସମେତ ବିଚିତ୍ରାନନ୍ଦ ଡାଲୁଆ, ଦେବେନ୍ଦ୍ର କୁମାର ମହାପାତ୍ର, କେଶବ ଚରଣ ସ୍ୱାଇଁ, ଶାନ୍ତିଲତା ଦାସ ପ୍ରମୁଖ ଶିକ୍ଷକ ଶିକ୍ଷୟତ୍ରୀମାନେ ଏହି ଜନ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । କମ୍ପାନୀ କର୍ମଚାରୀ ତ୍ରୀଦିବାନନ୍ଦ ବାରିକ୍, ସୟ ମହାପାତ୍ର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପରିଶେଷରେ କମ୍ପାନୀର ନିରାପ□ା ଅଧିକାରୀ ବିଭୁ ଚଂଜନ ଦାସ ବିଶ୍ୱ ଧରିତ୍ରୀ ଦିବସ ଉପଲକ୍ଷେ ଶପଥ ପାଠ କରାଇଥିଲେ ।

### ପାରାଦୀପ ମହାବିଦ୍ୟାଳୟ ଏନ.ସି.ସି. କ୍ୟାଡେଟ୍ ମାନଙ୍କ ଦ୍ୱାରା ବିଶ୍ୱ ପୃଥିବୀ ଦିବସ ପାଳିତ

ପାରାଦୀପ,(ପି.ଏନ): ବିଶ୍ୱ ପୃଥିବୀ ଦିବସ ଉପଲକ୍ଷେ ପାରାଦୀପ ମହାବିଦ୍ୟାଳୟର ଏନ.ସି.ସି. କ୍ୟାଡେଟ୍ ମାନଙ୍କ ଦ୍ୱାରା ଶୁକ୍ରବାର ଦିନ ପୃଥିବୀ ଦିବସ ଓ ପୁନୀତ୍ ସାଗର କାର୍ଯ୍ୟକ୍ରମ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ କ୍ୟାଡେଟ୍ ମାନେ ପ୍ରଥମେ ବିଜୁ ମଇଦାନ ସ୍ଥିତ ବେଳାଭୂମି ସଫେଇ କାର୍ଯ୍ୟ କରିବା ସହିତ ମହାବିଦ୍ୟାଳୟ ପରିସରରେ ବୃକ୍ଷରୋପଣ କରିଥିଲେ ଏବଂ ପୂର୍ବରୁ ଲଗାଯାଇଥିବା ବୃକ୍ଷ ଗୁଡିକର ମଧ୍ୟ ରକ୍ଷଣାବେକ୍ଷଣ କରିଥିଲେ । ଏହି ଅବସରରେ ପୂର୍ବ□ନ ଓ ବ□ମାନ କ୍ୟାଡେଟ୍ ମାନେ ପୃଥିବୀ ଦିବସର ଗୁରୁତ୍ୱ ସମ୍ପର୍କରେ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ବ□ା ପ୍ରଦାନ କରିଥିଲେ । ନିରବଚ୍ଛିନ ଭାବରେ କ୍ୟାଡେଟ୍ ମାନଙ୍କ ଦ୍ୱାରା ସଫେଇ କାର୍ଯ୍ୟ ଓ ସାମାଜିକ ସଚେତନତା କାର୍ଯ୍ୟକୁ ପାରାଦୀପବାସୀ ଭୂୟସୀ ପ୍ରଶଂସା କରିଛନ୍ତି । ଆଜିର ଏହି ସମସ୍ତ କାର୍ଯ୍ୟକ୍ରମ ଏନ.ସି.ସି ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା ।

## ବିଶ୍ୱ ଧରିତ୍ରୀ ଦିବସ ଅବସରରେ ଶପଥ ପାଠ

ଭୁବନେଶ୍ୱର ,(ପି.ଏନ):, ମାଟି, ଜଳ ଓ ବାୟୁକୁ ପ୍ରଦୂଷଣ ମୁକ୍ତ କରିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ଆକ୍ସନ୍‌ଏଡ୍ ଓ ସିସିଡବ୍ଲୁଡି ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ନୀଳମାଧବ ବସ୍ତି ଠାରେ 'ବିଶ୍ୱ ଧରିତ୍ରୀ ଦିବସ' ଅବକାଶରେ ମତପ୍ରକାଶ ପାଇଛି । ଆଗାମୀ ବଂଶଧରଙ୍କ ସୁରକ୍ଷା ପାଇଁ ବିଶ୍ୱ ତାପାୟନକୁ ରୋକିବାକୁ ପଡିବ ଓ ସବୁଜ ସୁନ୍ଦର ପୃଥିବୀ ଗଢ଼ିବାକୁ ପଡିବ । ଦିନକୁ ଦିନ ହଜି ଯାଉଥିବା ବୃକ୍ଷମାନଙ୍କୁ ରୋପଣ କରିବା ସାଥେ ସାଥେ ପ୍ରାକୃତିକ ଜଳ ଉତ୍ସର ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ପଡିବ । ଏହି ଅବସରରେ ଶପଥ ପାଠ ସହ ବୃକ୍ଷରୋପଣ କରାଯାଇଥିଲା । ଏଥିରେ ଶିଶୁସଂଘ, ଭୁବନେଶ୍ୱର ୟଙ୍ଗ ଅର୍ବାନ ଓମେନ୍ ଫୋରମ୍ ଓ ଅଣସଂଗଠିତ ଶ୍ରମିକ ମଂଚର ପ୍ରତିନିଧିମାନେ ଯୋଗ ଦେଇଥିଲେ।

### ପୋଖରୀରେ ବୁଡି ଶ୍ରମିକଙ୍କ ମୃତ୍ୟୁ

ଧର୍ମଶାଳା, ୨ ୨।୪(ପିଏନ୍): ଧର୍ମଶାଳା ବ୍ଲକ ଜେନାପୁର ଥାନା ଅନ୍ତର୍ଗତ ମଧୁପୁରଗଡ ଭାବଦେଇପୁର ପୋଖରୀରେ ଶୁକ୍ରବାର ମଧ୍ୟାହ୍ନ ସମୟରେ ଗାଧୋଉଥିବା ବେଳେ ପାଣି ରେ ବୁଡିଯାଇ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି । ମୃତକ ଗଡମଧୁପୁର ଗ୍ରାମର ଅନନ୍ତ' କୁମାର ଭଙ୍କ ପୁତ୍ର ହେମନ୍ତ ଭ (୩୬) ବୋଲି ଜଣାପଡିଛି । ସେ ଆଜି ବିଲରେ କାମ ସାରି ଦିନ ପ୍ରାୟ ସାଡେ ଗୋଟାଏ ବେଳେ ଗାଁ ପୋଖରିରେ ଗାଧୋଉଥିଲେ । ଗାଧୋବା ସମୟରେ ଗଭିର ପାଣିରେ ବୁଡିଯାଇଥିଲେ । ସେଠାରେ ଉପସ୍ଥିତ ଥିବା ଲୋକେ ତାଙ୍କୁ ପାଣିରୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠି ସ୍ୱାସ୍ଥ୍ୟ ଭର୍ତି କରିଥିଲେ । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ହେମ' ଜଣେ ଗରିବ ଶ୍ରମୀକ ହୋଇଥିବା ବେଳେ ତାଙ୍କର ୨ ଗୋଟି ଛୋଟ ଛୋଟ ଝିଅ ଓ ବିଧବାପତ୍ନୀ ରହିଛନ୍ତି । ପରିବାର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଚାଲିଯିବା ଫଳରେ ପରିବାର ଲୋକେ ଅଧର୍ଯ୍ୟ ହୋଇପଡିଛନ୍ତି । ଏଭଳି ଅବସ୍ଥାରେ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ଲାଗି ଗ୍ରାମବାସୀମାନେ ଦାବିକରିଛନ୍ତି ।

## ରାତି ଅଧରେ ଥାନା ଘେରିଲେ ଗ୍ରାମବାସୀ

ଧର୍ମଶାଳା, ୨ ୨।୪(ପିଏନ୍): ଧର୍ମଶାଳା ବ୍ଲକ ଅ'ର୍ଗତ ତରଂଜିଆ ପଂଚାୟତ ପୋବଳ ଗ୍ରାମରେ ଥିବା ମେଗା ପାନୀୟ ପ୍ରକଳ୍ପର ଷ୍ଟକ ୟାର୍ଡକୁ ଗ୍ରାମବାସୀ ବିରୋଧ ଘଟଣାରେ ପୁଲିସର କାର୍ଯ୍ୟାନୁଷ୍ଠାନ ପ୍ରତିବାଦରେ ଗ୍ରାମବାସୀମାନେ ରାତିରେ ଥାନା ଘେରାଉ କରିଥିବା ଜଣାପଡିଛି । ସୂଚନା ଯୋଗ୍ୟ ପୋବଳ ଗ୍ରାମରେ ଥିବା ଗୋଚର ଜମିରେ ଦୀର୍ଘ ଦୁଇ ବର୍ଷ ହେଲା ମେଗା ପ୍ରକଳ୍ପର ପାଇପ ଓ ଅନ୍ୟାନ୍ୟ ସାମଗ୍ରୀ ରଖାଯାଇ ପାଂଚ ଏକର ପରିମିତ ସ୍ଥାନକୁ ଅବରୋଧ କରାଯାଇଛି । ଫଳରେ ଏହି ଗୋଚର ଜମିରେ ଗୋରୁ ଗାଈ ଚରିବା ନିମନ୍ତେ ସମସ୍ୟା ସୃଷ୍ଟି ହୋଇଛି । ଅପରପକ୍ଷେ ପ୍ରକଳ୍ପ ପାଇଁ ଏଠାରେ ସାମଗ୍ରୀ ଗୁଡିକୁ ଦୈନନ୍ଦିନ ବଡ ବଡ ଗାଡି ଯିବା ଆସିବା ଫଳରେ ରାସ୍ତା ଖରାପ ହେବା ସହ ଧୂଳି ଧୂଆଁରେ ଗ୍ରାମବାସୀ ଅତିଷ୍ଠ ହୋଇପଡିଛନ୍ତି । ଏନେଇ ଗ୍ରାମବାସୀ ଧର୍ମଶାଳା ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ । ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ନିଆନଯିବାରୁ ବାଧ୍ୟ ହୋଇ ଶତାଧିକ ଗ୍ରାମବାସୀ କଂପାନୀର ଷ୍ଟକ ୟାର୍ଡର ଫାଟକ ସମ୍ମୁଖରେ ହୋହାଲ୍ଲା କରିବା ସହ ଏହାକୁ ତୀବ୍ର ବିରୋଧ କରିଥିଲେ । ଏହି ଘଟଣା ସମ୍ପର୍କରେ କମ୍ପାନୀ କତୃପକ୍ଷ ଥାନାରେ ଜଣାଇବା ପରେ ଧର୍ମଶାଳା ପୁଲିସ ଗ୍ରାମର ୫ ଜଣଙ୍କୁ ଥାନାକୁ ଆଣି ଅଟକ ରଖିଥିଲା । ତେବେ ଗ୍ରାମାବାସୀମାନେ ଗଣତାନ୍ତ୍ରୀକ ପଦ୍ଧତିରେ ଗେଟ ବାହାରେ ରହି ବିରୋଧ କରିଥିବା ବେଳେ ପୁଲିସ ବିନା କାରଣରେ ୫ଜଣଙ୍କଲୁ କଣ ପାଇଁ ଥାନାରେ ଅଟକ ରଖିଲା ତାହାକୁ ନେଇ ଗ୍ରାମବାସୀମାନଙ୍କ ମଧ୍ୟରେ ଅସଂ'ାଷ ପ୍ରକାଶ ପାଇଥିଲା । ଏପରିକି ରାତି ପ୍ରାୟ ୧୧ଟା ସମୟରେ ଗ୍ରାମର ଶତାଧିକ ଲୋକେ ଧର୍ମଶାଳା ଥାନାକୁ ଘେରାଉ କରିଥିଲେ । ପରେ ଆଇଆଇସି ରାକେଶ କୁମାର ତ୍ରିପାଠୀ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରି ଥାନାରେ ଅଟକ ରହିଥିବା ୫ଜଣଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛାଡିଥିଲେ ।

## ମନରେଗା ଯୋଜନା ବାଟବଣା, ଶ୍ରମିକ ବଦଳରେ ଜେସିବି କରୁଛି କାର୍ଯ୍ୟ

ଖୋର୍ଦ୍ଧା, ୨ ୨।୪(ପିଏନ୍): ବେଗୁନିଆ ବ୍ଲକ ବୋତଳମା ପଂଚାୟତ ଅ'ର୍ଗତ ଛତ୍ରପଡା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟରକୁ ପ୍ରଶାସନ ପକ୍ଷରୁ ୫ ଟି ସ୍ମାର୍ଟ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ସ୍ମାର୍ଟ ବିଦ୍ୟାଳୟରେ ରୂପା'ରିତ କରାଯାଇ କାର୍ଯ୍ୟ ଚାଲୁ ରହିଛି । ଏହି କାର୍ଯ୍ୟର କାର୍ଯ୍ୟାଦେଶ ବିଭାଗୀୟ ଯନ୍ତ୍ରୀଙ୍କ ନାମରେ ରହିଥିବାରୁ କିଛି ଦଲାଲ ମାନଙ୍କ ସହାୟତାରେ ଅତି ନିମ୍ନ ମାନର କାର୍ଯ୍ୟ କରି ବେଶ ଦୁଇ ପଇସା ପାଇ ଲାଭବାନ ହେଉଥିବାରୁ କାର୍ଯ୍ୟକୁ ନେଇ ମୋ ସ୍କୁଲ କମିଟି ୫ ଟି ସଚିବ, ବେଗୁନିଆ ବିଡିଓ,ଖୋର୍ଦ୍ଧା ଜିଲ୍ଲାପାଳ ଓ ସ୍ଥାନୀୟ ବିଧାୟକଙ୍କୁ ଅଭିଯୋଗ ପତ୍ର ଦେଇଥିଲେ । ଏ ସମ୍ପର୍କରେ ଗଣ ମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବିଡିଓ ଘଟଣାର ତଦନ୍ତ କରି କାର୍ଯ୍ୟ ସଠିକ ଭାବରେ ଚାଲିଛି ବୋଲି ପ୍ରକାଶ କରିଥିଲେ ।ତେବେ ଏଠାରେ ପ୍ରଶ୍ନ ଉଠୁଛି ଯେ ସ୍କୁଲ କମିଟିକୁ ନଜଣାଇ ମନମୁଖି ଭାବରେ ତଦନ୍ତ କାର୍ଯ୍ୟ ହୋଇଥିବାରୁ ଅସଂ'ାଷ ପ୍ରକାଶ ପାଇଥିବା ବେଳେ ବିନା ସୂଚନା ଫଳରେ କିପରି କାର୍ଯ୍ୟ ଚାଲୁଛି ତାହା ସମସ୍ତଙ୍କ ମନରେ ସନ୍ଦେହ ପ୍ରକାଶ କରିଛି । ଗତ ଫେବୃୟାରୀ ମାସରେ ସୂଚନା ଅଧିକାର ଆଇନର ବ୍ୟବହାର କରାଯାଇ ଉନ୍ନୟନ କାର୍ଯ୍ୟପାଇଁ ୩୫ ଲକ୍ଷ ଓ ମନରେଗା କାର୍ଯ୍ୟ ପାଇଁ ୧୫ ଲକ୍ଷ ଟଙ୍କାର ଅନୁଦାନରାଶି ମଞ୍ଜୁର କରାଯାଇଛି ବୋଲି ଜଣା ପଡିଥିଲା ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V

FIND THE DIFFERENCE

- Surveillance through CCTV Camera
- Small Classes
- Congenial Environment
- Intimate, Safe & Secured Place
- Experienced & loving teachers
- Individual attention to each child
- Spacious Playground
- AC Activity Room
- Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray